ବର୍ଷ-୨୬, ସଂଖ୍ୟା-୧୪୦
ଭୁବନେଶ୍ୱର
୨୪, ମଇ, ୨୦୨୬,ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 140
Bhubaneswar
24, May, 2026,Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୨୬ରୁ +୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫ (ମହାଭାରତ): +୨ ନାମଲେଖା ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ମଇ ୨୬ ତାରିଖରୁ+୨ ନାମଲେଖା ପାଇଁ ଆବେଦନ ପକ୍ରିୟା ଆରମ୍ଭ ହେବ। ୨୬ରୁ ଜୁନ୍ ୩୦ ଯାଏଁ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ । ଜୁଲାଇ ୮ରେ ପ୍ରଥମ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଜୁଲାଇ ୯ରୁ ୧୫ ପ୍ରଥମ ପର୍ଯ୍ୟାୟ ଆଡ୍‌ମିସନ ପ୍ରକ୍ରିୟା ଚାଲିବ। ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

### ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨୩।୫ (ମହାଭାରତ): ଆଠଗଡ଼ ବିଧାୟକ ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ନବୀନ ଘଟଣାକୁ ନେଇ ଉଦ୍‌ବେଗ ଜଣାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ତିଗିରିଆ ପଂଚାୟତ ସମିତି ବୈଠକକୁ ଯାଉଥିବା ସମୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ବିଜେପି ସମର୍ଥିତ ଗୁଣ୍ଡାଙ୍କ ଦ୍ୱାରା ସର୍ବସମ୍ମୁଖରେ ହୋଇଥିବା ଆକ୍ରମଣ ଗଣତନ୍ତ୍ରରେ କଦାପି ଶୋଭନୀୟ ନୁହେଁ। ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ସମୟରେ ଯଦି ରାଜରାସ୍ତାରେ ଗୁଣ୍ଡାରାଜର ଶିକାର ହେଉଛନ୍ତି, ତେବେ ସାଧାରଣ ଜନତାଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୁର୍ବୃତ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଓଡ଼ିଶାର ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ।

## ବିଦ୍ୟୁତ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୩।୫ (ମହାଭାରତ): ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ ସହ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବିଦ୍ୟୁତ୍ କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେନି। ଏହାସହ ସବୁ ଅନୁମୋଦିତ ଛୁଟିକୁ ତତ୍‌କ୍ଷଣାତ ବାତିଲ କରିଛି ଓପିଟିସିଏଲ।

## ବ୍ରାଉନ ସୁଗାର ଜବତ : ୨ ଗିରଫ

ଭୁବନେଶ୍ୱର,୨୩।୫ (ମହାଭାରତ): ଏକ ଗୁପ୍ତ ସୂଚନା ଆଧାରରେ ଭୁବନେଶ୍ୱର-କଟକ ସ୍ପେଶାଲ କ୍ରାଇମ୍ ୟୁନିଟ୍ ପକ୍ଷରୁ ବ୍ରାଉନ ସୁଗାର କାରବାରର ପର୍ଦ୍ଦାଫାସ କରି ୨୯୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଏକମ୍ର କାନନ ପାର୍କ ପାଖରେ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଭଦ୍ରକର ଫଜ୍ରୁଦ୍ଦିନ ଖାନ (୪୪) ଏବଂ ଝାରଖଣ୍ଡର ଏମଡ଼ି. ବାଦଶା। ସେମାନଙ୍କ ଠାରୁ ୨୯୦ ଗ୍ରାମ ବ୍ରାଉନ ସୁଗାର ସହ ଗୋଟିଏ କିଆ ସେଲଟୋସ୍ କାର , ୩ ଟି ମୋବାଇଲ ଫୋନ ଏବଂ ନଗଦ ୧୦,୦୦୦ ଟଙ୍କା ଜବତ କରାଯାଇଛି।

## ନିଯୁକ୍ତ ହେବେ ଅତିଥି ଅଧ୍ୟାପକ

ଭୁବନେଶ୍ୱର,୨୩।୫ (ମହାଭାରତ): ରାଜ୍ୟର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନିଯୁକ୍ତ ହେବେ ଅତିଥି ଅଧ୍ୟାପକ। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଜୁଲାଇ ୧ରୁ କାର୍ଯ୍ୟରେ ଯୋଗଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଏଡ୍, ଏମ୍‌ଏଡ୍ କୋର୍ସ ପାଇଁ ଶିକ୍ଷକଙ୍କ ନୂଆ ପ୍ୟାନେଲ୍ ଗଠନ ହେବ। ବିଏଡ୍‌ରେ ନିଯୁକ୍ତ ଅସିଷ୍ଟାଂଟ ପ୍ରଫେସରଙ୍କୁ ମାସିକ ୩୫ ହଜାର ମିଳିବ। ସେହିପରି ଏମ୍‌ଏଡ୍ ରେ ଅସୋସିଏଟ୍ ପ୍ରଫେସରଙ୍କୁ ମାସିକ ୪୦ ହଜାର ମିଳିବ । ପ୍ରଫେସରଙ୍କୁ ୫୦ ହଜାର ଟଙ୍କା ମାସିକ ପାରିଶ୍ରମିକ ନିର୍ଦ୍ଧାରଣ କରାଯାଇଛି। ମେ' ୨୩ ମଧ୍ୟରେ ଏଚଆଇଏମଏସ୍ ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବେ।ଦିଆଯିବ ।

### ୫୧ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

# ଓଡ଼ିଶାରୁ ୧୮୬ ଜଣଙ୍କୁ ନିଯୁକ୍ତି ପତ୍ର




ଭୁବନେଶ୍ୱର,୨୩।୫(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ କେନ୍ଦ୍ର ସରକାରୀ ଚାକିରି ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି। ସେ କହିଥିଲେ ଯେ, ଦେଶର ଯୁବକମାନେ ଏକ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି ଏବଂ ଆଗାମୀ ବର୍ଷଗୁଡ଼ିକରେ ନୂତନ ଅର୍ଥବ୍ୟବସ୍ଥା ଏବଂ ପ୍ରଯୁକ୍ତି ଆଧାରିତ କ୍ଷେତ୍ରରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି କ୍ରମରେ ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଂଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର; ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ; ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ପ୍ରଣବ କୁମାର ବିଶ୍ୱାସ; ଭୁବନେଶ୍ୱରର ଆଂଚଳିକ ଭବିଷ୍ୟ ନିଧି କମିଶନର-୨ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଂଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ। ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଂଟନ କରାଯାଇସାରିଛି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ସାରା ଦେଶର ହଜାର ହଜାର ଯୁବକ ଯୁବତୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ନିଯୁକ୍ତି ପାଇଥିବା ଯୁବକଯୁବତୀମାନେ ରେଳବାଇ, ବ୍ୟାଙ୍କିଙ୍ଗ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ଏବଂ ଦେଶର ବିକାଶ ଯାତ୍ରାରେ ଦାୟିତ୍ୱବାନ ଅଂଶୀଦାର ହେବାକୁ ଯାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିକଟରେ ତାଙ୍କର ପାଂଚଟି ଦେଶ ଗସ୍ତ ସମୟରେ ସେ ବିଶ୍ୱର ପ୍ରମୁଖ କମ୍ପାନୀଗୁଡ଼ିକର ମୁଖ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଏବଂ ପ୍ରତ୍ୟେକ ସ୍ଥାନରେ ଭାରତର ଯୁବପିଢ଼ି ଏବଂ ଦେଶର ବୈଷୟିକ ପ୍ରଗତି ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା। ସେ କହିଥିଲେ ଯେ, ବିଶ୍ୱ ଭାରତର ବିକାଶ ଯାତ୍ରାର ଅଂଶବିଶେଷ ହେବାକୁ ଚାହୁଁଛି ଏବଂ ଭାରତ ବିଭିନ୍ନ ଦେଶ ସହିତ ଭାଗିଦାରୀ ବୃଦ୍ଧି କରି ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି।

## ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି

ଭୁବନେଶ୍ୱର,୨୩।୫(ମହାଭାରତ): ରାଷ୍ଟ୍ରାୟତ୍ତ ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀଗୁଡ଼ିକ ଶନିବାର ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୮୭ ପଇସା ଏବଂ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇଛି। ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜିର ମୂଲ୍ୟ



କିଲୋଗ୍ରାମ ପିଛା ଏକ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଆଜିଠାରୁ ଲାଗୁ ହୋଇଛି। ଇଣ୍ଡିଆନ୍ ଅଏଲ୍ ୱେବସାଇଟ୍ ଅନୁଯାୟୀ, ନୂଆଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୮୭ ପଇସା ବୃଦ୍ଧି ପାଇ ୯୯.୫୧ ଟଙ୍କାରେ ପହଞ୍ଚିଛି। ଏଥି ସହିତ ଡିଜେଲର ମୂଲ୍ୟ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇ ୯୨.୪୯ ଟଙ୍କାରେ ପହଞ୍ଚିଛି। ତୈଳ ବିପଣନ କମ୍ପାନୀମାନେ ଗତ ୯ ଦିନ ମଧ୍ୟରେ ତୃତୀୟ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ମେ ୧୫ ପରଠାରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି। ରାଜ୍ୟ ମାଲିକାନାରେ ଥିବା ତୈଳ କମ୍ପାନୀମାନେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ କାରଣରୁ ଶକ୍ତି ମୂଲ୍ୟ ବୃଦ୍ଧି ପାଇବାର ଭାର ଧୀରେ ଧୀରେ ଗ୍ରାହକଙ୍କ ଉପରେ ପକାଇବା ଆରମ୍ଭ କରିଛନ୍ତି।

## ଭାରତ ଗସ୍ତରେ ମାର୍କୋ ରୁବିଓ



ଭୁବନେଶ୍ୱର,୨୩।୫ (ମହାଭାରତ): ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଶନିବାର ସକାଳେ ତାଙ୍କ ପତ୍ନୀଙ୍କ ସହ କୋଲକାତା ପହଞ୍ଚିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେ ସିଧା ତଲତାଲାସ୍ଥିତ ମଦର (ଟେରେସା) ହାଉସକୁ ଯାଇଥିଲେ। ଅପରାହ୍ନରେ ସେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବେ।

ଭାରତରେ ଆମେରିକାର ରାଷ୍ଟ୍ରଦୂତ ସାର୍ଜିଓ ଗୋରେ ନିଶ୍ଚିତ କରିଛନ୍ତି ଯେ ରୁବିଓ କୋଲକାତାରେ ପହଞ୍ଚିବେ। ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ବୈଠକ ବ୍ୟତୀତ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ କ୍ୱାଡ୍ ଭଳି ପ୍ରସଙ୍ଗରେ ଅନେକ ପର୍ଯ୍ୟାୟ ଆଲୋଚନା ହେବ ବୋଲି ସେମାନେ କହିଛନ୍ତି।

ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବଂ ଆମେରିକା-ଇରାନ ସଂଘର୍ଷ ମଧ୍ୟରେ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଭାରତ କଥାବାର୍ତ୍ତା ମାଧ୍ୟମରେ ଏହି ଅଞ୍ଚଳରେ ଶାନ୍ତି ପାଇଁ ନିରନ୍ତର ସମର୍ଥନ କରିଆସିଛି। ଏଥି ସହିତ, ହରମୁଜ ଷ୍ଟ୍ରେଟ୍ ଦେଇ ମାଲବାହୀ ଜାହାଜଗୁଡ଼ିକର ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ମଧ୍ୟ ନୂଆଦିଲ୍ଲୀ ଗୁରୁତ୍ୱାରୋପ କରିଛି। କୋଲକାତା ଯିବା ପୂର୍ବରୁ ମାର୍କୋ ରୁବିଓ କହିଥିଲେ ଯେ ଭାରତ ହେଉଛି ଆମେରିକାର 'ଅତି ଘନିଷ୍ଠ ବନ୍ଧୁ' ଏବଂ ସେ ଭାରତୀୟ ମନ୍ତ୍ରୀ ଏବଂ କ୍ୱାଡ୍ ଦେଶଗୁଡ଼ିକର ପ୍ରତିନିଧିମାନଙ୍କୁ ଭେଟିବାକୁ ଅପେକ୍ଷା କରିଛନ୍ତି।ରୁବିଓ ତାଙ୍କ ଭାରତ ଗସ୍ତର ଶେଷ ଦିନରେ ୨୬ ମେ, ରେ କ୍ୱାଡ୍ ବୈଠକରେ ମଧ୍ୟ ଯୋଗଦେବେ। ଏହି ବୈଠକରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ୍ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ମୋତେଗି ତୋସିମିତ୍ସୁ ମଧ୍ୟ ଯୋଗଦେବେ।

## ଆଇନ୍ ଶୃଙ୍ଖଳା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚତୁର୍ଥ ଶନିବାର ଛୁଟି ଦିନରେ ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହିତ ଉଚ୍ଚ ପଦାଧିକାରୀ ମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଚ ସ୍ତରୀୟ ବୈଠକରେ ପୋଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଥିଲେ।

ଶନିବାର ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସହିତ ସେହି ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ପୋଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

## ଇବୋଲା ରୋଗ ଉପରେ ସମୀକ୍ଷା ବୈଠକ



ଭୁବନେଶ୍ୱର,୨୩।୫(ମହାଭାରତ): ରାଜ୍ୟ ସଚିବାଳୟରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ।ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତି ନିଆଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ ।

ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ., ଏନଏଚଏମ ଏମଡି ଡ଼. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ଼ ବିଜୟ ମହାପାତ୍ର , ସ୍ୱତନ୍ତ୍ର ସଚିବ ଡ଼ ନୀଳକଣ୍ଠ ମିଶ୍ର , ଭୁବନେଶ୍ୱର ଏୟାରପୋର୍ଟ ର ଡ଼ିଜିଏମ ଅପରେସନ ଉମାକାନ୍ତ ପଟେଲ , ବରିଷ୍ଠ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# କମିଶନ ରିପୋର୍ଟ ସାର୍ବଜନୀନ କେବେ ?

ଭୁବନେଶ୍ୱର,୨୩।୫ ମହାଭାରତ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଓ ଏହାର ପ୍ରତିକ୍ରିୟା ଏବଂ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଚାବି ହଜିବା ପ୍ରସଂଗରେ ବସାଯାଇଥିବା ତଦନ୍ତ କମିଶନ ରିପୋର୍ଟ ବର୍ଷବର୍ଷ ଧରି ସର୍ବସାଧାରଣରେ ପ୍ରକାଶ କରାଯାଉନଥିବା ଘେନି ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି । ଏହି ରିପୋର୍ଟ କେବେ ବିଧାନସଭାରେ ଉପସ୍ଥାପିତ ହେବ ଓ ରିପୋର୍ଟରେ ଥିବା ସୁପାରିଶ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ମଧ୍ୟ ଉତ୍ସୁକତା ପ୍ରକାଶ ପାଉଛି ।

୨୦୦୮ ମସିହାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଫୁଲବାଣୀର ଚକାପାଦ ଆଶ୍ରମରେ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା । ଏହାର ପ୍ରତିକ୍ରିୟା ସ୍ୱରୂପ ବ୍ୟାପକ ହିଂସାକାଣ୍ଡ ମଧ୍ୟ ଉପୁଜିଥିଲା । ଏହି ଘଟଣା ପରେ ବିଜେପି-ବିଜେଡି ମେଣ୍ଟ ଭାଙ୍ଗିଥିଲା ଏବଂ ମେଣ୍ଟ ସରକାରରୁ ବିଜେପି ଓହରିଯାଇଥିଲା । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଜନିତ ଘଟଣାର ନିରପେକ୍ଷ ତଦନ୍ତ ଲାଗି ଓଡିଶା ସରକାର କମିଶନ ଅଫ୍ ଇନ୍‌କ୍ୱାରୀ ଆକ୍ଟ ଆଧାରରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ । ସାକ୍ଷ୍ୟ, ପ୍ରମାଣ ଆଧାରରେ କମିଶନ ତାଙ୍କ ରିପୋର୍ଟ ଦେବାର ଇତିମଧ୍ୟରେ ପ୍ରାୟ ୧୫ବର୍ଷ ଅତିକ୍ରମ କରିଗଲାଣି । ସେ ସମୟରେ ଏହି ରିପୋର୍ଟକୁ ସାର୍ବଜନୀନ କରିବା ଲାଗି ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଜେପି ପକ୍ଷରୁ ଦୃ? ଦାବି କରାଯାଇଥିଲା । ତେବେ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବାର ୨ ବର୍ଷ ପୂରିବାକୁ ଯାଉଥିବାବେଳେ ଏହି ରିପୋର୍ଟ କିନ୍ତୁ ଏଯାବତ୍ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ କିମ୍ବା ଏଥିରେ କ'ଣ ସବୁ ରହିଛି ତାହା ଲୋକେ ମଧ୍ୟ ଜାଣିପାରୁ ନାହାନ୍ତି ।



ସେହିଭଳି ପୁରୀ ଶ୍ରୀମନ୍ଦିରର ନିରାପତ୍ତା ସ୍ଥିତି ଯାଞ୍ଚ ଲାଗି ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ଦଳ ଗଠନ କରାଯାଇଥିଲା । ଏମାନେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗୃହର ସ୍ଥିତି ପରଖିବା ଲାଗି ଯିବାବେଳେ ରତ୍ନଭଣ୍ଡାରର ଦ୍ୱାର ବନ୍ଦ ଥିବାରୁ ଭିତର ପ୍ରବେଶ କରିପାରିନଥିଲେ । ସେତେବେଳେ ରତ୍ନଭଣ୍ଡାର ଚାବି ହଜିଯାଇଥିବା ଘେନି ଚର୍ଚ୍ଚା ହୋଇଥିଲା । ପରବର୍ତ୍ତୀ ସମୟରେ ପୁରୀ କଲେକ୍ଟରେଟ୍ ରେକର୍ଡ ରୁମ୍‌ରେ ଏକ ଚାବି ମିଳିଥିଲା ଏବଂ ତାହା ଭିତର ରତ୍ନଭଣ୍ଡାରର ବୋଲି କୁହାଯାଇଥିଲା । ଏହି ଘଟଣା ଘେନି ସାଧାରଣ ଲୋକଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା କମିଶନ ବସାଇ ଘଟଣାର ତଦନ୍ତ କରିଥିଲେ । ଅବସରପ୍ରାପ୍ତ ବିଚାରପତି ତଦନ୍ତ ରିପୋର୍ଟ ମଧ୍ୟ ସରକାରଙ୍କୁ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି ଅବସରପ୍ରାପ୍ତ ବିଚାରପତି ଜଣକ ରାଜ୍ୟ ମାନବିଧିକାର କମିଶନର ଦାୟିତ୍ୱ ନେଇ ସେଠାରୁ ବି ଅବସର ଗ୍ରହଣ କରିସାରିଲେଣି ।ଏହି ଚାବି ହଜା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ପାଇଁ ବିଜେପି ପକ୍ଷରୁ ସେତେବେଳର ବିଜେଡି ସରକାରଙ୍କ ନିକଟରେ ଦୃ ? ଦାବି କରାଯାଉଥିଲା । ଇତିମଧ୍ୟରେ ଓଡିଶା ହାଇକୋର୍ଟ ବିଧାନସଭାର ଗତ ବଜେଟ୍ ଅଧିବେଶନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ଉକ୍ତ ରିପୋର୍ଟଟି ବିଧାନସଭାରେ ଉପସ୍ଥାପନ କରିବାକୁ ସ୍ପଷ୍ଟ ଭାବେ କହିଥିଲେ । ତଥାପି ମଧ୍ୟ ବିଧାନସଭାରେ ଏଯାବତ୍ ଏହି ରିପୋର୍ଟ ଉପସ୍ଥାପିତ ହୋଇନାହିଁ ।

ଏଠାରେ ଉଲ୍ଲେଖନୀୟ ଯେ ବିଭିନ୍ନ ପ୍ରସଂଗରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ କମିଶନ ବସାଉଛନ୍ତି । ଆଇନାନୁଯାୟୀ କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯିବା କଥା । କିନ୍ତୁ ବହୁ କ୍ଷେତ୍ରରେ ରିପୋର୍ଟ ଉପସ୍ଥାପନ କରାଯାଉନାହିଁ ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



### ..... ପରଦା ଖବର .....

## ମା ବେହ୍ନ ଫିଲ୍ମ ଟ୍ରେଲର ରିଲିଜ

ମାଧୁରୀ ଦୀକ୍ଷିତଙ୍କ ଅଭିନୀତ ଫିଲ୍ମ ମା ବେହେନ ର ଟ୍ରେଲର ରିଲିଜ୍ ହୋଇଛି । ଏହି କ୍ରାଇମ୍, କମେଡି ଓ ଡ୍ରାମାର କାହାଣୀରେ ମାଧୁରୀଙ୍କ ସମେତ ତୃପ୍ତି ଡିମରି ମଧ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ଏହି କାହାଣୀ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ନେଇ ଆଧାରିତ ।ଆଦର୍ଶ କଲୋନୀରେ ଅବସ୍ଥିତ, ମା ବେହେନ ର କାହାଣୀ ରେଖା, ଜୟା ଏବଂ ସୁଷମାଙ୍କୁ ନେଇ ରହିଛି ।ରେଖା ଭୂମିକାରେ ମାଧୁରୀ, ଜୟା ଭୂମିକାରେ ତୃପ୍ତି ନଜର ଆସିଛନ୍ତି । ଏକ ଅକର୍ମଣ୍ୟ ମା ଏବଂ ତାର ଦୁଇ ଝିଅ, ଯେଉଁମାନେ କୌଣସି ପ୍ରକାରେ ଏକ ମୃତ ଦେହ ସହିତ ଜଡିତ ଏକ ମାମଲାରେ ଫସି ଯାଇଛନ୍ତି ଏବଂ ତାପରେ ପରିସ୍ଥିତି ଆହୁରି ଜଟିଳ ହୋଇପଡିଛି । ଯେଉଁଥି ପାଇଁ ପଡ଼ୋଶୀମାନେ ମଧ ସେମାନଙ୍କୁ ସନ୍ଦେହ କରିବାକୁ




ଲାଗନ୍ତି । ଯେପରି ସେମାନେ କିଛି ଲୁଚାଉଛନ୍ତି ।ଟ୍ରେଲରରେ ଡ୍ରାମା ଏବଂ କମେଡି ମଧ୍ୟ ଦେଖିବାକୁ ମିଳିଛି ।ପରିବାରରେ ଅନେକ ଝଗଡା ସ□ ସେମାନଙ୍କ ମଧରେ ଥିବା ସମ୍ପର୍କକୁ ଦର୍ଶାଯାଇଛି । ଏହି ଫିଲ୍ମଟି ଓପନିଂ ଇମେଜ୍ ଫିଲ୍ମସ୍ ସହିତ ଅବଣ୍ଡା□ଆ ଏ□ଟେନମେ□ ଦ୍ୱାରା ନିର୍ମିତ ଏବଂ ସୁରେଶ ତ୍ରିବେଣୀଙ୍କ ଦ୍ୱାରା ନିର୍ଦ୍ଦେଶିତ ।ଫିଲ୍ମ ବିଷୟରେ ନିର୍ଦ୍ଦେଶକ ସୁରେଶ ତ୍ରିବେଣୀ କହିଛନ୍ତି ଯେ, ମା ବେହେନ ସହିତ, ଆମେ ଏକ ବାସ୍ତବବାଦୀ ଏବଂ ଅତ୍ୟନ୍ତ ମନୋରଞ୍ଜନକାରୀ କାହାଣୀ କରିବାକୁ ଚାହୁଁଥିଲୁ । ଯେଉଁଥିରେ କଳାକାରଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ଫିଲ୍ମଟି ଏକ ପରିବାରର କାହାଣୀ ଯେଉଁଥିରେ ମା, ରେଖା ଏବଂ ତାଙ୍କର ଦୁଇ ଝିଅ, ଜୟା ଏବଂ ସୁଷମା ଅଛନ୍ତି ଯ ଯେଉଁମାନେ ସବୁବେଳେ ପରସ୍ପର ସହିତ ଝଗଡା କରନ୍ତି । ପ୍ରତ୍ୟେକ ଚରିତ୍ରର ସ୍ୱତନ୍ତ୍ର କାହାଣୀ ରହିଛି ଯଯଦି ଷ୍ଟାରକାଷ୍ଟ ବିଷୟରେ କୁହାଯାଏ ତେବେ ଏଥିରେ ମାଧୁରୀ, ତୃପ୍ତି, ଧାରଣା, ରବି, ଗୀତାଞ୍ଜଳି, ଅରୁଣୋଦୟ ଏବଂ ଶାର୍ଦ୍ଦୁଳ ଭଳି ପ୍ରତିଭା ବିଶିଷ୍ଟ କଳାକାର ନଜର ଆସିବେ ଯ ଯାହା ଜୁନ୍ ୪ରେ ନେଟଫ୍ଲିକ୍ସରେ ରିଲିଜ ହେବ ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ



ଗଣପତିଙ୍କର ନାମ ସିଦ୍ଧି ବିନାୟକ ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

## ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି

ଏକଦା ପାଣ୍ଡବ ଜଙ୍ଗଲ ମଧରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ।



ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧରୁ ତୁମର ପ୍ରିୟ ଭାଇ? ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନୀ ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:**

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**ମୋଟାପଣ କମ କରିଥାଏ:**

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

**ଗ୍ୟାସ ସମସ୍ୟାରୁ ମୁକ୍ତି:**

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:**

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:**

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ଓଡ଼ିଶାରେ ସହରାଞ୍ଚଳ ପରିବହନର କ୍ଷେତ୍ର ବଢ଼ାଇଲା କ୍ରୁଟ

**ଭୁବନେଶ୍ୱର,୨୩।୫ (ମହାଭାରତ):** ଓଡ଼ିଶା ସହରାଂଚଳରେ ଗମନାଗମନର ସମ୍ପ୍ରସାରଣ, ଭିତିଭୂମି ବିକାଶ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ସାଂସ୍ଥାନିକ ସୁଦୃଢ଼ୀକରଣ କାର୍ଯ୍ୟର ଅଗ୍ରଗତିର ଆକଳନ କରିବା ପାଇଁ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'କ୍ୟାପିଟାଲ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ' (କ୍ରୁଟ୍) ର ଚାଲୁ ରହିଥିବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କ୍ରୁଟ୍ ର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣର ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ କେନ୍ଦୁଝରରେ ନୂତନ ଭାବେ ଆରମ୍ଭ ହୋଇଥିବା ବୈଦ୍ୟୁତିକ ବସ୍ ସେବାରେ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏହା ଦୈନିକ ପ୍ରାୟ ୧,୩୦୦



ଯାତ୍ରୀରେ ପହଞ୍ଚିଛି। ଏହି ସମୀକ୍ଷାରେ 'ପିଏମ୍ ଇ-ବସ୍ ସେବା' ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଥିଲା। ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମାନ୍ୟବର ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାର୍ବଜନୀନ ପରିବହନ କାର୍ଯ୍ୟକଳାପରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି, ବ୍ୟବସ୍ଥିତ ମୁଦ୍ରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୁଟ୍ ର ଅଣ-ଭଡ଼ା ବାକ୍ସ ରାଜସ୍ୱ ଉତ୍ସକୁ ସୁଦୃଢ଼ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବସ୍, ବସ୍ କ୍ୟୁ ସେଲ୍ଟର, ବସ୍ ପୋଲ୍ ଏବଂ ଡିପୋ-ସଂଯୁକ୍ତ ବାଣିଜ୍ୟିକ ଭିତିଭୂମି ଉପରେ ବିଜ୍ଞାପନ ଅଧିକାର ସମ୍ବନ୍ଧୀୟ ଚାଲୁ ରହିଥିବା ପ୍ରୟାସଗୁଡ଼ିକର ମନ୍ତ୍ରୀ ସମୀକ୍ଷା କରିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ ବ୍ୟବସ୍ଥିତ ବାଣିଜ୍ୟିକ ପଦକ୍ଷେପ ଯୋଗୁଁ ୨୦୨୫ ମସିହାରେ କ୍ରୁଟ୍ ର ଅଣ-ଭଡ଼ା ବାକ୍ସ ରାଜସ୍ୱ ଅବଦାନ ୨୨.୦୫% କୁ ବୃଦ୍ଧି ପାଇଛି। ସହରାଞ୍ଚଳ ପରିବହନ ସେବା ପାଇଁ ସ୍ଥାୟୀ ରାଜସ୍ୱ ଉତ୍ସ ସୃଷ୍ଟି କରିବାକୁ ଆଗାମୀ ସମସ୍ତ ଡିପୋ ଏବଂ ପରିବହନ ଭିତିଭୂମିକୁ ସମନ୍ୱିତ ବାଣିଜ୍ୟିକ ବ୍ୟବହାର ମଡେଲ ସହିତ ବିକଶିତ କରାଯିବା ଉଚିତ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କ୍ରୁଟ୍ କ୍ୟାପ୍ଟେନମାନଙ୍କ ପାଇଁ ସାଇକୋମେଟ୍ରିକ ମୂଲ୍ୟାଙ୍କନ ଏବଂ ବ୍ୟବସ୍ଥିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ପ୍ରସ୍ତାବିତ ସହଯୋଗ ଏବଂ ବୁଝାମଣାପତ୍ର କୁ ମଧ୍ୟ ବୈଠକରେ ଉଚ୍ଚ ପ୍ରଶଂସା କରାଯାଇଥିଲା। ବୃତିଗତ ଦକ୍ଷତା ବୃଦ୍ଧି, ବ୍ୟବହାରିକ ପ୍ରଶିକ୍ଷଣ ଏବଂ ସୁରକ୍ଷା-ଆଧାରିତ ଜନସାଧାରଣ ପରିବହନ କାର୍ଯ୍ୟକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ମାନ୍ୟତା ଦିଆଯାଇଥିଲା। କ୍ରୁଟ୍ ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ ଆଲାମ ବିସ୍ତୃତ ପ୍ରଗତି ରିପୋର୍ଟ ଉପସ୍ଥାପନ କରିବା ସହ ଓଡ଼ିଶାରେ କ୍ରୁଟ୍ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ଷମ, ଭିତିଭୂମି ଏବଂ ସାଂସ୍ଥାନିକ ପଦକ୍ଷେପ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୟାନୁବନ୍ଧିତ ସମାପ୍ତି, ବୈଦ୍ୟୁତିକ ପରିବହନ ବ୍ୟବସ୍ଥାର ଦ୍ରୁତ ମୁତୟନ, ସଡ଼କ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଓଡ଼ିଶାରେ ନାଗରିକ-କୈନ୍ଦ୍ରିକ, ସ୍ଥାୟୀ ତଥା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ସହରାଂଚଳ ପରିବହନ ସେବା ଉପରେ ନିରନ୍ତର ଧ୍ୟାନ ଦେବା ପାଇଁ ମନ୍ତ୍ରୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ବୈଠକ ଶେଷ ହୋଇଥିଲା।

## ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲର କାର୍ଯ୍ୟକ୍ଷମତା ସମୀକ୍ଷା

**ଭୁବନେଶ୍ୱର,୨୩।୫ (ମହାଭାରତ):** ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲର କାର୍ଯ୍ୟକ୍ଷମତା ଆରମ୍ଭ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ. ଙ୍କ ଅଧ୍ୟକ୍ଷତାରେ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବୈଠକରେ ମେଡିକାଲ କଲେଜ ଓ ହସ୍ପିଟାଲର ଭିତିଭୂମି , ଏକାଡେମିକ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଇଥିଲା। ସଚିବ ଯଥା ଶୀଘ୍ର ରୋଗୀ ସେବା ପାଇଁ ବିଭିନ୍ନ ବିଭାଗ ଗୁଡିକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ହସ୍ପିଟାଲ ଓ କଲେଜ ପାଇଁ ଆବଶ୍ୟକ ଆଧୁନିକ ଚିକିତ୍ସା ଉପକରଣ, କର୍ମଚାରୀ ନିଯୁକ୍ତି, ବ୍ୟବସ୍ଥିତ ରୋଗୀ ସେବା ବ୍ୟବସ୍ଥା, ଏମବିବିଏସ ଛାତ୍ର ଛାତ୍ରୀଙ୍କ ପାଇଁ ହଷ୍ଟେଲ, ଖେଳ ପଡିଆ, କ୍ୟାମ୍ପସ ଆଲୋକିକରଣ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲରେ ପରୀକ୍ଷାଗାର, ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ପ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ନିରବିଚ୍ଛିନ ବିଦ୍ୟୁତ, ଜଳ ଯୋଗାଣ ସହ ସିୱେଜ ଟ୍ରିଟମେଂଟ ପ୍ଲାଂଟ ସ୍ଥାପନ ପାଇଁ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ। ତାଳଚେର ଅଂଚଳ ସହ ପାର୍ଶ୍ୱବର୍ତୀ ଅଂଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଂଚାଇବାରେ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ରାଜ୍ୟରେ ଚିକିତ୍ସା ଶିକ୍ଷାର ବିକାଶ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ବୈଠକରେ ସମସ୍ତେ ଆଶା ବ୍ୟକ୍ତ କରିଥିଲେ । ଏହି ବୈଠକରେ ଓଡିଶା ରାଜ୍ୟ ଔଷଧ ନିଗମ ଲିମିଟେଡ ଏମଡି ଡ଼. ପୋମା ଟୁଡୁ, ଅନୁଗୁଳ ଜିଲ୍ଲାପାଳ ଶ୍ରୀ ଅଦାଲ ମ. ଅଖତର, ଅତିରିକ୍ତ ଶାସନ ସଚିବ ବିଜୟ ଦାଶଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଟକଣା ବିନା ଜାରି ରହିଛି ଜାଳେଣି ବିତରଣ

**ଭୁବନେଶ୍ୱର,୨୩।୫ (ମହାଭାରତ):** ସାମ୍ପ୍ରତିକ ପରିସ୍ଥିତିରେ ଜାରି ରହିଥିବା ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ତୈଳ ଏବଂ ଗ୍ୟାସ କ୍ଷେତ୍ରକୁ ପ୍ରଭାବିତ କରୁଥିବା ସତ୍ତ୍ୱେ, ଦେଶର ସରକାରୀ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଓଏଲ୍, ବିପିସିଏଲ୍ ଏବଂ ଏଚପିସିଏଲ୍ ପକ୍ଷରୁ ସାରା ଓଡ଼ିଶାରେ ବିନା କୌଣସି ବାଧା ବିଘ୍ନ ଓ କଟକଣାରେ ଇନ୍ଧନ ଯୋଗାଣ ଜାରି ରହିଛି। କାର୍ଯ୍ୟକ୍ଷମ ସମସ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ, ଡିଜେଲ ବିତରଣ କରାଯାଉଛି। ସେହିପରି ଏଲପିଜି ଯୋଗାଣ ମଧ୍ୟ ନିରବଚ୍ଛିନ୍ନ ଭାବେ ଜାରି ରହିଥିବା ସରକାରୀ ଭାବେ ସୂଚନା ଦିଆଯାଇଛି। ଟର୍ମିନାଲ୍, ଡିପୋ, ଏଲପିଜି ବୋଟଲିଂ ପ୍ଲାଂଟ ଏବଂ ଖୁଚୁରା ଆଉଟଲେଟ୍ (ପେଟ୍ରୋଲ ପମ୍ପ) କୁ ନେଇ ଗଠିତ ଏହାର ବ୍ୟାପକ ଯୋଗାଣ ନେଟୱାର୍କ ମାଧ୍ୟମରେ ଜାଳେଣିର ସହଜ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ତୈଳ ଶିଳ୍ପ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସମସ୍ତ ଆଉଟଲେଟ୍ରେ ଜାଳେଣି ବିତରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ଏବଂ ନିର୍ଦ୍ଧାରିତ ସୁରକ୍ଷା ଓ କାର୍ଯ୍ୟକ୍ଷମ ନିୟମାବଳୀ ଅନୁଯାୟୀ ବିନା କୌଣସି କଟକଣାରେ ଯୋଗାଣ ବଜାୟ ରଖାଯାଉଛି। ଯୋଗାଣ ଶୃଙ୍ଖଳାରେ ପେଟ୍ରୋଲିୟମ ଦ୍ରବ୍ୟର ପର୍ଯ୍ୟାପ୍ତ ମହଜୁଦ୍



ରହିଛି ଏବଂ ପ୍ରକୃତ ଗ୍ରାହକଙ୍କ ଚାହିଦାକୁ ଦକ୍ଷତାର ସହ ପୂରଣ କରିବା ପାଇଁ କ୍ରମାଗତ ଭାବେ ଷ୍ଟକ୍ ପୂରଣ କରାଯାଉଛି। ଘରୋଇ ଗ୍ରାହକମାନଙ୍କୁ ଏଲପିଜି ଯୋଗାଣ ମଧ୍ୟ ସ୍ୱାଭାବିକ ଭାବେ ବଜାୟ ରଖାଯାଉଛି ଏବଂ ସାରା ରାଜ୍ୟରେ ବିତରଣ କାର୍ଯ୍ୟ ସୁରୁଖୁରୁରେ ଆଗକୁ ବଢୁଛି। ନାଗରିକମାନଙ୍କ ପାଇଁ ନିରବଚ୍ଛିନ୍ନ ଶକ୍ତି ଉପଲବ୍ଧତା ନିଶ୍ଚିତ କରିବାକୁ ଯାଇ ସରକାରୀ ତୈଳ ବିପଣନ କମ୍ପାନୀଗୁଡ଼ିକ ପରିବହନ (ଲଜିଷ୍ଟିକ୍ସ), ଷ୍ଟକ୍ ସ୍ଥିତି ଏବଂ ବିତରଣ ଯୋଜନା ଉପରେ ନିବିଡ଼ ସମନ୍ୱୟ ରକ୍ଷା କରୁଛନ୍ତି। ସାମଗ୍ରିକ ଯୋଗାଣ ସ୍ଥିତି ସ୍ଥିର ରହିଛି ଏବଂ ଏହା ଉପରେ କ୍ରମାଗତ ନଜର ରଖାଯାଇଛି। ନାଗରିକମାନଙ୍କୁ ସ୍ୱାଭାବିକ ଭାବେ କ୍ରୟ ଜାରି ରଖିବାକୁ ଏବଂ ଅନାବଶ୍ୟକ ଭାବେ ଆତଙ୍କିତ ହୋଇ କିଣାକିଣି ନକରିବାକୁ ଅନୁରୋଧ କରାଯାଇଛି। ଜାଳେଣି ଉପଲବ୍ଧତା ସମ୍ପର୍କରେ ପ୍ରାମାଣିକ ଏବଂ ଯାଞ୍ଚ ହୋଇଥିବା ସୂଚନା ପାଇବାକୁ କେବଳ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଦ୍ୱାରା ସମୟ ସମୟରେ ଜାରି କରାଯାଉଥିବା ସରକାରୀ ସୂଚନା ଉପରେ ଭରସା କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

## ୩୦ ବିଜ୍ଞପ୍ତିତ ନାଗରିକ ସେବାରେ ୯୪% ସମୟସୀମା ଅନୁପାଳନ ହାସଲ

**ଭୁବନେଶ୍ୱର,୨୩।୫ (ମହାଭାରତ):** ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଓଡ଼ିଶା ସେବା ଅଧିକାର ଆଇନ' (ଓଆରଟିପିଏସ) ଅଧୀନରେ ନାଗରିକ ସେବା ପ୍ରଦାନର କାର୍ଯ୍ୟଦକ୍ଷତା ଓ ଡିଜିଟାଲ୍ ସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରାଯାଇଛି। ସମୀକ୍ଷାରେ ପ୍ରକାଶ ପାଇଛି ଯେ, ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞାପ୍ତିତ ନାଗରିକ ସେବାରେ ପ୍ରାୟ ୯୪% ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି। ରାଜ୍ୟ ସରକାରଙ୍କ "ଲୋକସେବା ଅଧିକାର – ସୁବିଧାରେ ସରକାରୀ ସେବା" ଆଦର୍ଶକୁ ଆଧାର କରି ବିଭାଗ ସହରାଂଚଳ ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ କ୍ରମାଗତ ଭାବେ ଡିଜିଟାଲ୍ ଓ ଲୋକାଭିମୁଖୀ କରିଛି। ବର୍ତ୍ତମାନ ୩୦ଟି ସେବା ମଧ୍ୟରୁ ୨୧ଟି ସେବା ସୁଯୋଗ, ସ୍ୱଚ୍ଛତା ଏବଂ ସ୍ୱତନ୍ତ୍ର ଅଭିଯୋଗ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ



ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ଅନଲାଇନ୍ ରେ ଉପଲବ୍ଧ ହୋଇଥିବାବେଳେ, ଆଉ ୭ଟି ସେବା ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଅନଲାଇନ୍ ରେ ଉପଲବ୍ଧ ଅଛି। କେବଳ ୨ଟି ସେବା ବର୍ତ୍ତମାନ ଅଫଲାଇନ୍ ମୋଡ୍ ରେ ଚାଲୁ ରହିଛି। ସେବାଗୁଡ଼ିକର ଅଧିକ ସ୍ୱଚ୍ଛ ମନିଟରିଂ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବା ପାଇଁ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ୍ ମାଧ୍ୟମରେ ବିକଶିତ ହେଉଥିବା ୭ଟି ଡ୍ୟାସବୋର୍ଡର ବ୍ୟବହାରକାରୀଙ୍କ ଦ୍ୱାରା ଗ୍ରହଣୀୟ ପରୀକ୍ଷଣ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ୧ ଏପ୍ରିଲ୍ ୨୦୨୪ ରୁ ୨୭ ଏପ୍ରିଲ୍ ୨୦୨୬ ମଧ୍ୟରେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମୁଦାୟ ୬,୫୯,୧୦୨ଟି ଆବେଦନ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୬,୦୭,୯୬୦ଟି ଆବେଦନ ନିର୍ଦ୍ଧାରିତ 'ସର୍ଭିସ୍ ଲେଭଲ୍ ଏଗ୍ରିମେଂଟ' (ଏସଏଲଏ) ସମୟସୀମା ମଧ୍ୟରେ ସମାଧାନ କରାଯାଇଥିବାବେଳେ ୧୦,୯୧୬ଟି ଆବେଦନ ବର୍ତ୍ତମାନ ପ୍ରକ୍ରିୟାଧୀନ ରହିଛି। ସେବାଭିତିକ କାର୍ଯ୍ୟଦକ୍ଷତା ମଧ୍ୟରେ ବ୍ୟବସାୟିକ ଲାଇସେନ୍ସ ସେବାରେ ୫୭,୭୧୫ଟି ଆବେଦନର ଶତପ୍ରତିଶତ ସମୟାନୁବର୍ତୀ ସମାଧାନ ସହ ଶୂନ୍ୟ ପେଣ୍ଡିଂ ରେକର୍ଡ କରାଯାଇଛି। ସ୍ୱେରେଜ୍ ସଂଯୋଗ ସେବାରେ ୯୮% ଏବଂ ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ୯୬% ସମୟସୀମା ଅନୁପାଳନ ହୋଇଛି। ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ସର୍ବାଧିକ ୫,୦୨,୫୫୫ଟି ଆବେଦନ ଗ୍ରହଣ କରାଯାଇଥିଲା। ସମ୍ପତି କର ନୂତନ ଆକଳନ ସେବାରେ ୯୬% ଏବଂ ସମ୍ପତି କର ମାଲିକାନା ବଦଳ ସେବାରେ ୭୬% ସମୟାନୁବର୍ତୀ ସମାଧାନ ହୋଇଛି। ବିବାହ ପ୍ରମାଣପତ୍ର ସେବାରେ ୫୩% ଆବେଦନ ସମୟସୀମା ମଧ୍ୟରେ ସମାଧାନ ହୋଇଥିବାବେଳେ ୪୬% ଆବେଦନ ନିର୍ଦ୍ଧାରିତ ସମୟ ପରେ ସମାଧାନ ହୋଇଥିବା ଜଣାପଡ଼ିଛି।

ବୈଠକରେ ଅନଲାଇନ୍ କୋଠାବାଡି ପ୍ଲାନ ମଞ୍ଜୁରୀ ବ୍ୟବସ୍ଥା ଓ ସହରୀ ଉନ୍ନୟନ ସମ୍ବନ୍ଧୀୟ ବିଭିନ୍ନ ଅନୁମତି ପ୍ରଦାନ ପ୍ରକ୍ରିୟାର ମଧ୍ୟ ସମୀକ୍ଷା କରାଯାଇଥିଲା।

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଇଏସଆଇ ମେଡିକାଲ କଲେଜ

**ଭୁବନେଶ୍ୱର,୨୩।୫ (ମହାଭାରତ):** ଭୁବନେଶ୍ୱରର ଅନ୍ଧାରୁଆଠାରେ ଇ.ଏସ.ଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଗତକାଲି ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ବୃହତ ପ୍ରକଳ୍ପର ସ୍ଥାୟୀ ଭିତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବାବେଳେ, ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇ.ଏସ୍.ଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ



କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଂଚମ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ଏବଂ ହିତାଧିକାରୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସ୍ତରର ଅନେକ ବରିଷ୍ଠ ଅଧିକାରୀ ଏଠାରେ ଏକତ୍ରିତ ହୋଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତାଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ପକ୍ଷରୁ ଅତିରିକ୍ତ ଶାସନ ସଚିବ ଶ୍ରୀ ରାଜେଶ କୁମାର ଅଗ୍ରୱାଲ, ଇ.ଏସ୍.ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ. ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ଚନ୍ଦ୍ରଶେଖରପୁର ଇ.ଏସ୍.ଆଇ ହସ୍ପିଟାଲର ସୁପରିଟେଣ୍ଡେଂଟ ଡ. ଅମୀୟ କୁମାର ସାମଲ ପ୍ରମୁଖ ଏମଓୟୁ ସ୍ୱାକ୍ଷର କରିଥିଲା ବେଳେ, ଇ.ଏସ୍.ଆଇ.ସି ପକ୍ଷରୁ ଇଷ୍ଟ ଜୋନର ମେଡିକାଲ କମିଶନର ଡ. ରଚିତା ବିଶ୍ୱାସ, ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟର ଆଂଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ, ରାଜ୍ୟ ମେଡିକାଲ ଅଫିସର ଡ. ଆଭା ତିର୍କୀ ଏବଂ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ସନ୍ଦୀପ ଗୋଏଲ ପ୍ରମୁଖ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ରାଜ୍ୟର ଶ୍ରମିକ ଓ ବୀମାଭୁକ୍ତ କର୍ମଚାରୀମାନେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ।

## ଟ୍ରମା କେୟାର ବ୍ୟବସ୍ଥାକୁ ସୁଦୃଢ଼ୀକରଣ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୨୩।୫ (ମହାଭାରତ):** ନୂଆଦିଲ୍ଲୀ ସ୍ଥିତ ଏମ୍ସର ଜରୁରୀକାଳୀନ ଚିକିତ୍ସା ବିଭାଗ, ଜେ. ପି. ଏନ୍. ଆପେକ୍ସ ଟ୍ରମା ସେଣ୍ଟର ପରିଦର୍ଶନ କରିବା ଅବସରରେ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସେଠାକାର ଅତ୍ୟାଧୁନିକ ଚିକିତ୍ସା ଶୈଳୀ, ଜରୁରୀକାଳୀନ ରୋଗୀ ପରିଚାଳନା ଏବଂ ଭିତିଭୂମିକୁ ଅନୁଧ୍ୟାନ କରିବା ସହ 'ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତାରେ ଓଡିଶାର ଏକ ଜିଲ୍ଲାକୁ ସାମିଲ କରିବାର ପ୍ରସ୍ତାବ ଦେବା ସହ ଚିଠି ଲେଖିଛନ୍ତି । ଓଡ଼ିଶାରେ ଆପାତକାଳୀନ ଓ ଟ୍ରମା କେୟାର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ର ମହାନିର୍ଦ୍ଦେଶକ ଡ଼ଃ ରାଜୀବ ବାହଲ ଏବଂ ଏମ୍ସର ପ୍ରଫେସର ସଞ୍ଜୀବ ଭୋଇଙ୍କୁ ଚିଠି ଲେଖିଛନ୍ତି।

ମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଆପାତକାଳୀନ ଓ ଟ୍ରମା ବ୍ୟବସ୍ଥା ସୁଦୃଢ଼ୀକରଣର ଆବଶ୍ୟକତା ଅଛି । ସେ ଉଲ୍ଲେଖ କରଛନ୍ତି ଯେ, ଓଡ଼ିଶାରେ ସଡ଼କ ଦୁର୍ଘଟଣା, ହୃଦ୍‌ଘାତ, ଷ୍ଟ୍ରୋକ୍ ଏବଂ ସର୍ପାଘାତ ଭଳି ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ରାଜ୍ୟରେ ସମନ୍ୱିତ ଜରୁରୀକାଳୀନ ଏବଂ ଟ୍ରମା କେୟାର ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି।

ମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଏମ୍ସ ନୂଆଦିଲ୍ଲୀର ପ୍ରଫେସର ଡ଼ଃ ସଞ୍ଜୀବ ଭୋଇଙ୍କ ନେତୃତ୍ୱରେ ଆଇସିଏମଆର ଦ୍ୱାରା ପ୍ରାୟୋଜିତ 'ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତା ପ୍ରକଳ୍ପ' ଅଧୀନରେ ସମନ୍ୱିତ ଆପାତକାଳୀନ ଓ ଟ୍ରମା କେୟାର ସୁଦୃଢ଼ୀକରଣ ପାଇଁ ସଫଳ ମଡେଲ୍ ପ୍ରସ୍ତୁତ କରାଯାଇଛି। ଏହି ମଡେଲ୍ ଓଡ଼ିଶା ପାଇଁ ମଧ୍ୟ ଅତ୍ୟନ୍ତ ପ୍ରସଙ୍ଗିକ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଗୋଟିଏ ଜିଲ୍ଲାକୁ 'ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତା ପ୍ରକଳ୍ପ' ପ୍ରକଳ୍ପ ଅଧୀନରେ ସାମିଲ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ମାଧ୍ୟମରେ ସମ୍ବନ୍ଧିତ ଜିଲ୍ଲାରେ ସମନ୍ୱିତ ଆପାତକାଳୀନ ଓ ଟ୍ରମା ସେବା ମଡେଲ୍ ସଫଳ ଭାବେ କାର୍ଯ୍ୟକାରୀ ହେବା ସହ ପରବର୍ତୀ ସମୟରେ ସମଗ୍ର ରାଜ୍ୟରେ ଏହାକୁ ବିସ୍ତାର କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଜନସ୍ୱାସ୍ଥ୍ୟ ସୁଦୃଢ଼ୀକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷା ଇଏସି ବୈଠକ

**ଭୁବନେଶ୍ୱର,୨୩।୫ (ମହାଭାରତ):** ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ କରିବା ଦିଗରେ କିଟ ବିଶ୍ୱବିଦ୍ୟାଳୟରେ ୫ଦିନିଆ ବିଶେଷଜ୍ଞ ପରାମର୍ଶଦାତା କମିଟି ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ (ସିଏସଟିଟି) ପକ୍ଷରୁ ଏହି ଜାତୀୟସ୍ତରର ବୈଠକ ଆୟୋଜନ କରାଯାଇଛି। ମେ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚଳିବାକୁ ଥିବା ଏହି ବୈଠକ ଇଲେକ୍ଟ୍ରୋନିକ୍ସ ଓ ରାଜନୀତି ବିଜ୍ଞାନର ମୌଳିକ ଶବ୍ଦକୋଷକୁ ଇଂରାଜୀ, ହିନ୍ଦୀ, ଓ ଓଡ଼ିଆ ଭାଷାରେ ଅଧିକ ସରଳ, ସଠିକ୍ ଓ ପ୍ରୟୋଗଯୋଗ୍ୟ କରିବା ହେଉଛି ବୈଠକର ମୁଖ୍ୟ ଲକ୍ଷ୍ୟ। ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାରେ ମାତୃଭାଷାର ବ୍ୟବହାର ବଢ଼ାଇବା ସହ ଜାତୀୟ ଶିକ୍ଷା ନୀତି ୨୦୨୦କୁ ସଫଳ କରିବା ନେଇ ଏଠାରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଇଲେକ୍ଟ୍ରୋନିକ୍ସ ବିଷୟର ପ୍ରାୟ ୨୮୩୩ଟି ଓ ରାଜନୀତି ବିଜ୍ଞାନର ପ୍ରାୟ ୪ ହଜାର ପ୍ରଯୁକ୍ତିଗତ ଶବ୍ଦ ପାଇଁ ମାନକ ଓଡ଼ିଆ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ପ୍ରତିଦିନ ୭୦୦ ରୁ ୯୦୦ ପର୍ଯ୍ୟନ୍ତ ପ୍ରାଯୁକ୍ତିକ ଶବ୍ଦକୁ ଓଡ଼ିଆରେ ରୂପାନ୍ତର କରିବା ଲକ୍ଷ୍ୟ ରଖାଯାଇଛି। କିଟ, ଆଇଆଇଟି ଭୁବନେଶ୍ୱର, ଆଇଆଇଆଇଟି, କିସ ଓ ଓୟୁଟିଆର ସହ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ଭାଷା ବିଶେଷଜ୍ଞ, ଶିକ୍ଷାବିତ, ଗବେଷକ ଓ ବିଷୟ ବିଶେଷଜ୍ଞମାନେ ଏହି ବୈଠକରେ ଯୋଗଦେଇଛନ୍ତି। ଆଜିର ଏହାର ଉଦ୍ଘାଟନୀ ଅବସରରେ କିଟ ଉପସଭାପତି ଡ ଅଜୟ ପ୍ରଧାନ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମାତୃଭାଷାରେ ପ୍ରାଯୁକ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କିଟ ପ୍ରଫେସର ତଥା ସିଏସ ନିର୍ଦ୍ଦେଶକ ପ୍ରଫେସର ବେଣୁ ଗୋପାଳ ମହାପାତ୍ର ବୈଠକର ମୁଖ୍ୟ ସମନ୍ୱୟକାରୀ ଭାବେ ଯୋଗ ଦେଇଥିବା ବେଳେ କିଟ୍ ଇଲେକଟ୍ରୋନିକ୍ସ ବିଭାଗ ପ୍ରଫେସର ସୁଧାକର ସାହୁ ଓ ରାଜନୀତି ବିଜ୍ଞାନ ପାଇଁ ଡ଼ ରୁଦ୍ର ନାରାୟଣ ମହାନ୍ତି ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀରୁ ସିଏସଟିଟିର ସହକାରୀ ନିର୍ଦ୍ଦେଶକ ଜେ ଏସ ରାୱତ ଓ ଡ ଏସ ଏ ଅନସାରି ଏହି କାର୍ମଶାଳାରେ ଯୋଗଦେଇ ଶବ୍ଦାବଳୀ ପ୍ରସ୍ତୁତି ଉପରେ ଆଲୋଚନା କରୁଥିବା ବେଳେ ନୂଆଦିଲ୍ଲୀସ୍ଥିତ ପ୍ରତିରକ୍ଷା ଉତ୍ପାଦନ ବିଭାଗ ସାଧାରଣ ଗୁଣବତ୍ତା ଆଶ୍ୱାସନା ନିର୍ଦ୍ଦେଶ ର ଡେପୁଟି ଡାଇରେକ୍ଟର ଦୀପକ କୁମାର ମିଶ୍ର ମଧ୍ୟ ଉଦଘାଟନୀ ଅଧିବେଶନରେ ଯୋଗଦେଇ ମତ ରଖିଥିଲେ।

## ବିଜେପି କ୍ଷମତାକୁ ଆସିବା ଦିନଠୁ ବଢ଼ିବାରେ ଲାଗିଛି ଚାଷୀ ସମସ୍ୟା

**ଭୁବନେଶ୍ୱର,୨୩।୫ (ମହାଭାରତ):** ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ କହିଛନ୍ତି ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେଉଛି । ରାଜ୍ୟରେ ଚାଷୀ ମାନଙ୍କ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ ସରକାର ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି । ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି, ଚାଷୀକୂଳ ପ୍ରତି ଉଦାସୀନତା ପନ୍ଥା ଅବଲମ୍ବନ କରିବା ନିନ୍ଦନୀୟ ବୋଲି କହିଥିଲେ।

ଶ୍ରୀ ସଞ୍ଜୟ କୁମାର ଦାସବର୍ମା କହିଥିଲେ, ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା ଯେ, ଏମ୍ଏସ୍ପି ସହିତ ୮୦୦ ଟଙ୍କାର ଇନ୍ପୁଟ୍ ସବ୍ସିଡି ଦେଇ ଧାନ କିଣିବୁ ଏବଂ ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବୁ । ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସ ର କ । ର ଙ୍କ ଅପାରଗତା କାରଣରୁ ଚାଷୀକୂଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି । ବିଜେପିର ମିଛ ପ୍ରତିଶ୍ରୁତିର ଶିକାର ହୋଇ ଚାଷୀକୁ ଆଜି ରେଜିଷ୍ଟ୍ରେସନ ପାଇଁ, ଟୋକନ ପାଇଁ, ମଣ୍ଡି ଖୋଲିବା ପାଇଁ ଓ ନିଜ କଷ୍ଟ ଉପାର୍ଜିତ ଫସଲକୁ କିପରି ବିକ୍ରି କରିପାରିବେ, ସେଥିପାଇଁ ବାରମ୍ବାର ରାଜରାସ୍ତାରେ ଆନେ୍ଦାଳନ କରିବାକୁ ପଡୁଛି । ରାଜ୍ୟର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଆଗରେ ହଜାର ହଜାର ଚାଷୀଙ୍କ ଆକୁଳ ରୋଦନ ଆଜି ସାରା ଭାରତବର୍ଷରେ ମୁଖ୍ୟ ଖବର ହୋଇଛି । ରାଜ୍ୟର ଖାଦ୍ୟ ଭଣ୍ଡାର



କୁହାଯାଉଥିବା ପଶ୍ଚିମ ଓଡ଼ିଶାରେ ଚାଷୀଭାଇ ମାନେ ଆନେ୍ଦାଳନକୁ ଓହ୍ଲାଇ ସରକାରଙ୍କ ଚାଷୀକୂଳ ପ୍ରତି ଥିବା ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଚାଷୀକୂଳ ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛି । ବିଜେପି ଦଳ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ଚାଷୀଙ୍କ ସମସ୍ୟା ଦୂର କରନ୍ତୁ । ସରକାର ଯଦି ଆଗକୁ ଚାଷୀଙ୍କ ସମସ୍ୟା ପ୍ରତି ଯଦି କୌଣସି ଠୋସ୍ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ଚାଷୀଙ୍କ ହକ୍ ପାଇଁ ଆନେ୍ଦାଳନକୁ ତୀବ୍ରତର କରିବ ।

ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ଖରିଫ ସିଜିନ୍‌ରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା । ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା, ତାହା ସରକାର ଓ ମିଲ୍ ମାନଙ୍କ ପାଖରେ ଭରପୂର ମାତ୍ରାରେ ରହିଥିଲା । ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ । ଯାହା ମୁଖ୍ୟମନ୍ତ୍ରୀ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ସ୍ୱୀକାର କରିଛନ୍ତି । ସରକାର ପ୍ରଥମ ଦିନରୁ ଚେଷ୍ଟା କରିଥିଲେ କିପରି ଏବର୍ଷ କମ୍ ଧାନ ସଂଗ୍ରହ କରାଯିବ । ସରକାର ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ଜଟିଳ କରିବା ସହିତ ୧୫୦ କ୍ୱିଣ୍ଟାଲ ଉପରକୁ କୌଣସି ଚାଷୀ ଧାନ ବିକ୍ରି କରିପାରିବେ ନାହିଁ କହି ଚାଷୀକୂଳକୁ ହତାଦର କଲେ । ବିଜେପି କ୍ଷମତାକୁ ଆସିବା ଦିନଠୁ କେବଳ ଚାଷୀ ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି, ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍ବେଗଜନକ ଭାବେ ବୃଦ୍ଧି ପାଇଛି । ଏନସିଆରବି ରିପୋର୍ଟ ଅନୁଯାୟୀ ଓଡ଼ିଶା ଏବେ ୧ ନମ୍ବର ସ୍ଥାନରେ ରହିଛି ।

# ପେଟ୍ରୋଲ ବିକ୍ରୀ ବାଧ୍ୟତାମୂଳକ

ଏପ୍ରିଲ ପହିଲାରୁ ଦେଶରେ ଇଥାନଲ ଯୁକ୍ତ ପେଟ୍ରୋଲ ବିକ୍ରୀକୁ ବାଧ୍ୟତାମୂଳକ କରାଯାଇଛି। ଏହା ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ପେଟ୍ରୋଲିୟମର ଆମଦାନୀ ହ୍ରାସ ସହିତ ପରିବେଶ ପ୍ରଦୁଷଣ ହ୍ରାସ ପାଇବ। ଶକ୍ତି ସଙ୍କଟର ମୁକାବିଲାରେ ଏହା ନିଶ୍ଚିତ ଭାବେ ସହାୟକ ହେବ। ଏଥିଲାଗି ଗ୍ରୀନ ଏନର୍ଜୀ ବ୍ୟବହାରକୁ ପ୍ରାଥମିକତା ଦିଆଯିବା ଉଚିତ। ବିଶ୍ୱ ବଜାରେ ଅଶୋଧିତ ତୈଳର ଦରବୃଦ୍ଧି ଏବଂ କିଛି ତୈଳ ସମୃଦ୍ଧ ରାଷ୍ଟ୍ରର ଏ କ୍ଷେତ୍ରରେ ଏକଚାଟିଆ କାରବାରରେ ବିଶ୍ୱବାସୀ ଅତିଷ୍ଠ ହେଲେଣି। ବାରମ୍ବାର ତୈଳ ଦର ବୃଦ୍ଧି ହେତୁ ଅର୍ଥନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେଉଛି। ମୁଦ୍ରାସ୍ଫୀତି ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହେତୁ ସବୁ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢୁଛି ଏବଂ ଏହା ଫଳରେ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଉଛି। ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି। ସେହିପରି ଡିଜେଲର ବ୍ୟାପକ ବ୍ୟବହାର ଫଳରେ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ଡିଜେଲ ପରିବର୍ତ୍ତେ ସିଏନଜି ବ୍ୟବହାରକୁ ଏବେ ପ୍ରାଥମିକତା ଦିଆଯାଉଛି। ଏହା ବି ନ୍ୟାଚୁରାଲ ଗ୍ୟାସରୁ ଉତ୍ପନ୍ନ ହେଉଛି ଯାହା ସବୁ ଦେଶରେ ଉପଲବ୍ଧ ନୁହେଁ। ଏଥିପାଇଁ ଅନେକ ଦେଶ ନ୍ୟାଚୁରାଲ ଗ୍ୟାସ ଚଢ଼ା ଦରରେ ଆମଦାନୀ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୋଇଲା ଆଉ ଏକ ଫସିଲ ଇନ୍ଧନ ଯାହା ଥର୍ମାଲ ପାୱାର ଉତ୍ପାଦନ ନିମନ୍ତେ ଆବଶ୍ୟକ। ଶିଳ୍ପ କ୍ଷେତ୍ରରେ କୋଇଲାର ବ୍ୟବହାର ବଢ଼ି ଚାଲିଛି। ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭ ହେବା ପରେ କୋଇଲା ଦର ମଧ୍ୟ ବଢ଼ିଛି। ଫଳରେ କୋଇଲା ଆମଦାନୀ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। କୋଇଲାର ବ୍ୟାପକ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ବାୟୁ ପ୍ରଦୂଷଣ ଏଭଳି ଏକ ସ୍ଥିତିରେ ପହଞ୍ଚିଛି ଯେ, ଏହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ଏହା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ। ଅନିୟମିତ ବର୍ଷା, ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ବାରମ୍ବାର ଝଡ଼ବାତ୍ୟା ତଥା ମାତ୍ରାଧିକ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ବିଶ୍ୱ ସ୍ତରରେ ବାୟୁ ପ୍ରଦୂଷଣ ରୋକିବା, ଜଳବାୟୁ ପରବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ଏକ ପ୍ରକାର ଚାଲେଞ୍ଜରେ ପରିଣତ ହୋଇଯାଇଛି। ବାୟୁ ପ୍ରଦୂଷଣ ରୋକିବା ବା ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ମାତ୍ରା ହ୍ରାସ କରିବା ଲାଗି ଏବେ ଏକ ପ୍ରକାର ଜନଆନ୍ଦୋଳନ ଆରମ୍ଭ ହୋଇଛି। ଭାରତ ସରକାର ଏଥିପାଇଁ ଏକ ନିଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଫସିଲ ବ୍ୟବହାରକୁ ହ୍ରାସ କରି ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି କରିବା ଏକମାତ୍ର ଉପାୟ। ଭାରତରେ ଏଥିଲାଗି ଏବେ ଯୁଦ୍ଧକାଳୀନ ପ୍ରୟାସ ଆରମ୍ଭ ହୋଇଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏଥିଲାଗି ପ୍ରୟାସ ଚାଲିଛି। କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି ଲାଗି ସରକାର ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଅବଶ୍ୟ ଏଥିପାଇଁ ଆହୁରି ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏବେ ଭାରତରେ କେତେକ ଘରୋଇ କମ୍ପାନୀ ସୋଲାର ଏବଂ ୱିଣ୍ଡ ପାୱାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ଆହୁରି ଅନେକ ପ୍ରକଳ୍ପ ପାଇପଲାଇନରେ ରହିଛି। ଏ କ୍ଷେତ୍ରରେ ରିଲାଏନ୍ସ, ଆଦାନୀ ଏବଂ ଟାଟା ଭଳି କମ୍ପାନୀ ଅଗ୍ରଣୀ ଭୂମିକା ନେଉଛନ୍ତି। ଭାରତ ଭଳି ଏକ ବିଶାଳ ଦେଶରେ ସୋଲାର ଏବଂ ୱିଣ୍ଡ ପାୱାର ଉତ୍ପାଦନ ବୃଦ୍ଧି ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଜି ପର୍ଯ୍ୟନ୍ତ ଏହାର ସଦୁପଯୋଗ ହୋଇପାରିନାହିଁ। ଏବେ ସମୟ ଆସିଛି ଏହାର ସଦୁପଯୋଗ କରି ଭାରତରେ ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟିକରିବାର।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

**॥ ଅଜୟ କୁମାର ବେହେରା ॥**

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନାଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୁ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

**॥ ଅଭୟ କୁମାର ଦାସ ॥**

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିତ ଭାବରେ ଆମ ସମସ୍ତଙ୍କର ।

ଗୋଡରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ହାଇକୋର୍ଟରେ ନୟାଗଡ଼ ନିର୍ବାଚନୀ ମୋକଦ୍ଦମା : ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଙ୍କ ଅନ୍ତରୀଣ ଆବେଦନ ଖାରଜ




ନୟାଗଡ, (ମହାଭାରତ ) : ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କୁ ଲାଗିଛି ଅଦାଲତି ଝଟକା। ମୂଳ ନିର୍ବାଚନୀ ମୋକଦ୍ଦମା କୁ ଖାରଜ କରିବାକୁ ନିବେଦନ କରି ମାମଲାର ପ୍ରତିପକ୍ଷ ତଥା ବିଧାୟକ ଅରୁଣ କୁମାର ସାହୁ ଙ୍କ ତରଫରୁ ଦାୟର ତିନୋଟି ଅନ୍ତରୀଣ ଆବେଦନକୁ ଓଡିଶା ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଧାୟକ ଅରୁଣ କୁମାର ସାହୁ ଙ୍କ ଓ ଅନ୍ତରୀଣ ଆବେଦନକୁ ଖାରଜ କରିଛନ୍ତି। ମୂଳ ନିର୍ବାଚନୀ ମୋକଦ୍ଦମା ର ଅନ୍ୟତମ ପ୍ରତିପକ୍ଷ ହେମନ୍ତ କୁମାର ପୃଷ୍ଟିଙ୍କ ପକ୍ଷରୁ ସମାନ ପ୍ରସଂଗ ନେଇ ଦାୟର କରାଯାଇଥିବା ଅନ୍ତରୀଣ ଆବେଦନକୁ ମଧ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଏଥି ସହିତ ଜୁନ ୨୫ କୁ ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରୋଜେଶ୍ୱରୀ ସିଂହଙ୍କ ତରଫରୁ ଦାୟର ମୂଳ ନିର୍ବାଚନୀ ମୋକଦ୍ଦମା ର ଶୁଣାଣି ପାଇଁ ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବିଜେଡି ପ୍ରାର୍ଥୀ ଭାବେ ନୟାଗଡ଼ ଆସନରୁ ବିଧାୟକ ହୋଇଥିବା ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ହାଇକୋର୍ଟରେ ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ। ଗତ ସାଧାରଣ ନିର୍ବାଚନରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ତାଙ୍କର ସତ୍ୟପାଠରେ ସଂପତ୍ତି ସଂକ୍ରାନ୍ତରେ ଠିକ ତଥ୍ୟ ଦେଇ ନଥିଲେ ଏଥି ସହିତ ବିଧାୟକ ଅରୁଣ କୁମାର ସାହୁ ଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ରିଟର୍ଣ୍ଣିଂ ଅଫିସର ବେଆଇନ ଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏହି ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିବା ପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଙ୍କ ତରଫରୁ ହାଇକୋର୍ଟ ରେ ତିନୋଟି ଅନ୍ତରୀଣ ଆବେଦନ ୨୦୨୪ରେ ଦାୟର କରାଯାଇଥିଲା। ନିର୍ବାଚନ ଆବେଦନ ଦାଖଲ କରିବା ବେଳେ ଆଇନ ରେ ଥିବା କେତେକ ବ୍ୟବସ୍ଥା ପାଳନ କରାଯାଇ ନାହିଁ। ଆବେଦନ ସହିତ ଫର୍ମ-୨୫ ସତ୍ୟପାଠ ସଂଲଗ୍ନ ହୋଇ ନାହିଁ, ଆବଶ୍ୟକ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ ଓ ଅନ୍ୟାନ୍ୟ କାରଣ ଅନ୍ତରୀଣ ଆବେଦନ ଗୁଡ଼ିକରେ ଦର୍ଶାଯାଇଥିଲା। ୨୦୨୪, ଡିସେମ୍ବର ୧୧ରେ ବିଚାରାଧୀନ ଥିବା ମୂଳ ନିର୍ବାଚନୀ ମୋକଦ୍ଦମା ରେ ହେମନ୍ତ କୁମାର ପୃଷ୍ଟିଙ୍କୁ ପ୍ରତିପକ୍ଷ ନମ୍ବର-୨ ଭାବେ ପକ୍ଷଭୁକ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମେ ୧୮ରେ ହାଇକୋର୍ଟ ସମସ୍ତ ଚାରିଟି ଅନ୍ତରୀଣ ଆବେଦନର ଏକତ୍ର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଗାଡ଼ି ଉପରେ ଗଛ ପଡି ରାଜପଥ ଅବରୋଧ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ରେ ପ୍ରଚଣ୍ଡ ରୋଦ୍ରତାପ ରୁ ଶନିବାର ସନ୍ଧ୍ୟା ସମୟରେ ମିଳିଛି କିଛି ଆଶ୍ୱସ୍ତି। ବର୍ଷା ଅଳ୍ପ ହୋଇଥିବା ବେଳେ ପ୍ରବଳ ପବନ ବୋହିଥିଲା।ଏତେ ଜୋରରେ ପବନ ବହିବା ଦ୍ୱାରା ୫୭ନମ୍ବର ଜାତୀୟ ରାଜପଥ ର ଖମାରସାହି ଠାରେ ଏକ ଗାଡ଼ି ଉପରେ ବିରାଟ ଗଛ ପଡିଯାଇଥିଲା। ଫଳରେ ରାସ୍ତା ଅବରୋଧ ହୋଇଥିଲା। ତେବେ ଖବର ପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ତୁରନ୍ତ ସେଠାରେ ପହଂଚି ଗଛ କାଟି ରାସ୍ତା ସଫା କରିବା ପରେ ଯାନବାହାନ ଯିବା ଆସିବା ସ୍ୱାଭାବିକ ହୋଇଥିଲା । ସୂଚନା ଅନୁସାରେ ଶନିବାର ସନ୍ଧ୍ୟା ରେ କଳାବୈଶାଖୀ ର ପ୍ରଭାବରେ ଏପରି ଅବସ୍ଥା ହୋଇଥିଲା।

## ଫାଟିଲା ପେଟ୍ରୋଲ ପାଇପ



ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ। ବୋହିଗଲା ହଜାର ହଜାର ଲିଟର ପେଟ୍ରୋଲ। ଜାହାଜ ରୁ ପାଇପ ଯୋଗେ ପେଟ୍ରୋଲ ଯାଉଥିଲା ତେଲ ଟର୍ମିନାଲକୁ। ଅଧିକ ପ୍ରେସର ଯୋଗୁଁ ପାଇପ ଫାଟି ଥିବା ଅନୁମାନ। ଘଟଣାସ୍ଥଳରେ ପୋର୍ଟ ସିଆଇଏସଏଫ, ଅଗ୍ନିଶମ ବିଭାଗ, ଆଇଓସିଏଲ ଅଗ୍ନିଶମ ବିଭାଗ କର୍ମଚାରୀ। ନିଆଁ ଲାଗିବାର ସମ୍ଭାବନା ଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି। ଆଇଓସିଏଲ ତେଲ ଟର୍ମିନାଲକୁ ତେଲ ଯାଉଥିବା ସୂଚନା ମିଳିଛି।

## ବଜ୍ରାଘାତରେ ନାବାଳକ ମୃତ

ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗେଲଗୁଡା ଗ୍ରାମର ଜଣେ ନାବାଳକ ପ୍ରଶାନ୍ତ ମାଝୀ (୧୬)ର ବଜ୍ରାଘାତରେ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସୂଚନାନୁସାରେ ଶୁକ୍ରବାର ସାଢେ ୩ ଘଣ୍ଟା ସମୟରେ ଜଙ୍ଗେଲଗୁଡା ଗ୍ରାମର ସୁବାସ ମାଝୀର ପୁତ୍ର ପ୍ରଶାନ୍ତ ଗାଁ ପିଲାଙ୍କ ସହିତ ନିକଟସ୍ଥ ଆମ୍ବ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ ସେହି ସମୟରେ ଘଡଘଡ଼ି ସହିତ ବିଜୁଳି ମାରିଥିଲା ଏବଂ ସେହି ବିଜୁଳି ଆଘାତରେ ପ୍ରଶାନ୍ତ ବେହୋସ ହୋଇ ତଳେ ପଡିଯାଇଥିଲା। ପ୍ରଶାନ୍ତ ବେହୋସ ହୋଇପଡ଼ିବା ଦେଖି ସାଙ୍ଗରେ ଥିବା ପିଲାମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ପ୍ରଶାନ୍ତକୁ ଘରକୁ ଆଣିଥିଲେ ଏବଂ ଆମ୍ବୁଲାନ୍ସକୁ ଫୋନ କରିଥିଲେ ଓ ଆମ୍ବୁଲାନ୍ସ ଆସିବାପରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଚିକିତ୍ସା ପରେ ପ୍ରଶାନ୍ତକୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ ତୁଳସିରାମ ଶବର ଡାକ୍ତରଖାନାରେ ପୋଲିସ ବଳ ସହିତ ପହଞ୍ଚି ତଦନ୍ତ କରିବା ସହିତ ଶବ ଜବତ କରିବ୍ୟବଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ । ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଶୁକ୍ରବାର ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଛେଦ ହୋଇପାଇଲା ନାହିଁ । ଶନିବାର ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବିଶ୍ୱନାଥପୁର ଥାନାଧିକାରୀ ଶ୍ରୀ ଶବର ପ୍ରକାଶ କରିଛନ୍ତି ।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ବିଜେଡି କ୍ଷୋଭ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ଆସନ୍ତା ୨୫ ତାରିଖ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି ବିଜୁ ଜନତା ଦଳ। ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରାଜ୍ୟ ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ପରିସ୍ଥିତି ଭୟଙ୍କର ସମୟରେ ବିଭିନ୍ନ ଆଳ ଦେଖାଉଥିବା ଅଭିଯୋଗ କରିଛନ୍ତି। ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀ ମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନଥିବା ହଇରାଣ ହେଉଛନ୍ତି। ଭାରପ୍ରାପ୍ତ ଟାଟା ପାୱାର ଯେଉଳି ଖାମଖିଆଲି ଢଙ୍ଗରେ ବିଜୁଳି ଶକ୍ତି ପରିଚାଳନା କରି ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି। ବିଜୁ ଜନତା ଦଳ ଏହାର ଦୃଢ଼ ନିନ୍ଦା କରିବା ସହିତ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବୀ ରଖିଛି। ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବରେ ରାତି ଅଧିଆ ଲାଇନ କାଟି ଦେଉଥିବା ଟାଟା ପାୱାର ଯେତେବେଳେ ବିଦ୍ୟୁତ୍ ଶୁଳ୍କ ଆଦାୟରେ ଏକ ଘଣ୍ଟା ବି ବିଳମ୍ବ କରୁନାହିଁ, ସେତିକି ବେଳେ ମରାମତି ଆଳରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ-ଭୋଲଟେଜ୍ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପ୍ୟୁଟରକୁ ପୋଡି ଅଚଳ କରିଦେବା , ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ସଡ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହେବା, ଅଫିସ ଦପ୍ତରର କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା , ପୁଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଭଳି ଉପଭୋକ୍ତା ବିରୋଧୀ ପଦକ୍ଷେପରେ ସାମାନ୍ୟ ହେଳା କରୁନାହିଁ ଟାଟା ପାୱାର। ବିଜେପି ସରକାର ତିନି ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରିବାରେ ସରକାରୀ ଘୋଷଣା ନାମା ଶୀତଳ ଭଣ୍ଡାରକୁ ଚାଲି ଯାଇଛି। ସମଗ୍ର ଜିଲ୍ଲାରକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣ ବିଦ୍ୟୁତ୍, ମାତ୍ରାଧିକ ଦେୟ ଆଦାୟ କମାଇବା, କୃଷି କ୍ଷେତ୍ରକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ନୟାଗଡ଼ ବିଧାୟକ ଦାବି ରଖିଛନ୍ତି। ଆସନ୍ତା ୨୫ ତାରିଖ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ କହଁର, କ୍ଷୀରୋଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଟଣା, (ମହାଭାରତ) ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କଲା ବନପାଳ ବିଭାଗ । କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ତୋଣ୍ଡ ବିଟ ଅଧୀନ ଘାଟ ବାଲିଯୋଡି ଗ୍ରାମ ନିକଟସ୍ଥ ବୈତରଣୀ ନଦୀ ଘାଟ ରୁ ବେଆଇନ ଭାବେ ବାଲି ମାଫିଆ ବାଲି ଚାଲାଣ କରିଥିବା ସମୟରେ ପାଟଣା ବନପାଳ ବିଭାଗ ଚଢାଉ କରି ଏକ ଟ୍ରାକ୍ଟର ଜବତ କରିଛି।

## ଯୌତୁକରେ ଆସିଲା ଗୋରୁ, ଛେଳି

କପ୍ତିପଦା, (ମହାଭାରତ) : ଯୌତୁକରେ ଆସିଲା ଗୋରୁ, ଛେଳି, ହାଣ୍ଡିଆ ତାହା ପୁଣି ପୁଅ ଘର ଦେଲେ ଝିଅ ଘରକୁ ଯୌତୁକ। ଯୌତୁକ ଦେବା ଓ ନେବା ଭୁଲ ହୋଇଥିଲେ ସୁଦ୍ଧା ଏଠାରେ ଯୌତୁକର ଅର୍ଥ ସମ୍ପ୍ରଦାୟର ପରମ୍ପରା। ଯେଉଁଠି ଝିଅ ନୁହେଁ ବରଂ ପୁଅ ଘର ଦେଇଥାନ୍ତି ଝିଅ ଘରକୁ ଯୌତୁକ। ସେଭଳି ଏକ ଭିନ୍ନ ଧରଣର ବାହାଘର



ହୋଇଛି କପ୍ତିପଦା ବ୍ଲକ ଧନଚତୁରୀ ଗ୍ରାମରେ। ଏହି ଗ୍ରାମର ମାନସିଂ ହେମ୍ବ୍ରମ ଙ୍କ ବଡ଼ ଝିଅ ଖୁଣ୍ଟା ଥାନା ସିମଗଡ଼ିଆ ଅଞ୍ଚଳର ଲକ୍ଷ୍ମଣ ସୋରେନ କୁ ବିବାହ କରିଥିଲେ। ବାହାଘର ଦିନ ସାନ୍ତାଳୀ ସମ୍ପ୍ରଦାୟର ପରମ୍ପରା ଅନୁସାରେ ବର ପକ୍ଷ କନ୍ୟା ଘରକୁ ଯୌତୁକ ନେଇ ଆସିଥିଲେ। ଯୌତୁକ ଦେଇ ସାରିବା ପରେ ହୋଇଥିଲା ବାହାଘର। ଯୌତୁକ ବାବଦରେ ଦୁଇ ଗୋଟି ଗାଈ, ଗୋଟିଏ ଛେଳି, ୭୦ ଟଙ୍କା, ୭ କିଲୋ ଚାଉଳ ସାଙ୍ଗକୁ ୩ ଟି ତନ୍ତ ଲୁଗା ଏବଂ ୮ ଗୋଟି ହାଣ୍ଡିଆ ହାଣ୍ଡି ଦେଇଥିଲେ। ଯାହା ପରେ ଉକ୍ତ ଲୁଗା ପିନ୍ଧି ହୋଇଥିଲା ପୂଜାର୍ଚ୍ଚନା ଏବଂ ତା ପରେ ହୋଇଥିଲା ବାହାଘର। ଆଦିବାସୀ ନୃତ୍ୟରେ ସମସ୍ତେ ନାଚିଥିଲେ, ଯୌତୁକ ଗୋରୁଙ୍କୁ ପୂଜା କରାଯାଇଥିଲା ଏବଂ ବାହାଘର ହୋଇଥିଲା। ଯାହାକୁ ନେଇ ଉଭୟ ବର ଏବଂ କନ୍ୟା ପକ୍ଷ ବେଶ ଖୁସି। ଏକ ନିଆରା ପରମ୍ପରା ରେ ଯୌତୁକ ପ୍ରଥା କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ଏହି ବାହାଘର ଉଦାହରଣ ପାଲଟିଛି।

## ଗୁରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସାଧାରଣ ବୈଠକରେ ଯୋଗଦେଲେ ବିଧାୟକ

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମ ରେ ଥିବା ଅସ୍ଥାୟୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସଦସ୍ୟ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଉନ୍ନତି ପାଇଁ ଏହି ବୈଠକ ହେଉଥିବା ବେଳେ , ଏହା ପୂର୍ବରୁ ୨୦୨୪ ରେ ଏହି ବୈଠକ ହେଇଥିଲା ଦୁଇ ବର୍ଷ ବ୍ୟବଧାନରେ ପୁଣି ବୈଠକ ହେଲେ କିଭଳି ଉନ୍ନତି ଓ ସମସ୍ୟା ର ସମାଧାନ କରିବେ ବୋଲି ବିଧାୟକ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡ଼ିକାଲ ଅଫିସର ଙ୍କୁ ପଚାରିଥିଲେ। ଏହି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଅବ୍ୟବସ୍ଥା ଭିତରେ ଥିବା ବେଳେ, ନୂତନ ଭାବେ ୧୮ କୋଟି ବ୍ୟୟରେ ନିର୍ମାଣ ଚାଲିଥିବା ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଚାନକ ଗ୍ରସ୍ତ କରୁଥିଲେ ବିଧାୟକ । ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ସଂସ୍ଥା କର୍ମଚାରୀ ଙ୍କୁ ଡାକିଥିଲେ। ଏହି କୋଠା ନିର୍ମାଣ ଅତି ନିମ୍ନମାନର ହୋଇଥିବାରୁ , ଠିକାଦାର ସଂସ୍ଥା ଓ ଯନ୍ତ୍ରୀଙ୍କୁ ଉଚ୍ଛଧରଣ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ , ଏହି କାର୍ଯକ୍ରମ ରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧକ୍ଷ ଏନ୍ ବୀରରାଜୁ, ଗୋଷାଣୀ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ସଦସ୍ୟ ଅଂଶୁମାନ ନାୟକ, ଜିଲ୍ଲା ପରିଷଦ ଏସ ବାଲରାଯୁ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡ଼ିକାଲ ଅଫିସର ଡ: ସୁମନ କୁମାର ସେଠୀ, ସ୍ଥାନୀୟ ଗ୍ରାମ ବାସି ଅଭିମନ୍ୟୁ ପରିଡ଼ା, ଗ୍ରାମ ବାସି ମୋନମନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପରେ ଭାରତୀୟ ଜନତା ପାର୍ଟି ଦୁଇଦିନିଆ ପ୍ରଶିକ୍ଷଣ ଶିବିର



ପାରାଦୀପ, (ମହାଭାରତ) : ପାରାଦୀପରେ ଆରମ୍ଭ ହୋଇଛି ଭାରତୀୟ ଜନତା ପାର୍ଟି ର ଦୁଇଦିନିଆ ପ୍ରଶିକ୍ଷଣ ଶିବିର। ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ରେ ପାରାଦୀପ ରେ ଆୟୋଜିତ ପ୍ରଶିକ୍ଷଣ ଶିବିର କୁ ଉଦଘାଟନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ଭାରତୀୟ ଜନତା ପାର୍ଟି ଏକମାତ୍ର ରାଜନୈତିକ ଦଳ ଯେଉଁଥିରେ ପ୍ରତ୍ୟେକ ବର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି ପ୍ରଶିକ୍ଷଣ ପ୍ରଥମେ ରାଜ୍ୟ ରୁ ଆରମ୍ଭ ହୋଇ ଜିଲ୍ଲା, ମଣ୍ଡଳ, ବ୍ଲକ ଓ ପଞ୍ଚାୟତ ସ୍ତରରେ କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥାଏ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣ ରୁ ହର୍ମୁଜ ରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବାଦ୍ୱାରା ପାରାଦୀପ ଇଫକୋ କମ୍ପାନୀ ରେ କଞ୍ଚାମାଲ ଅଭାବ ରୁ ଉତ୍ପାଦନ ବନ୍ଦ ହେବା ପ୍ରସଙ୍ଗ ରେ ଏହା ପ୍ରଧାନମନ୍ତ୍ରୀ ପୂର୍ବରୁ କହିସାରିଛନ୍ତି, ଏଥିପ୍ରତି ବିବ୍ରତ ହେବାର ଆବଶ୍ୟକ ନାହିଁ, ଚାଷ କ୍ଷେତରେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର କୁ ଗୁରୁତ୍ୱ ଦେବାକୁ କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଦେଶରେ ସଙ୍କଟ ପରିସ୍ଥିତି ରେ ପ୍ରଧାନମନ୍ତ୍ରୀ ନେଉଥିବା ଅନେକ ପଦକ୍ଷେପ ସଫଳ ହୋଇଛି । ଯେଉଁଭଳି କରୋନା ମହାମାରୀ ସମୟରେ ସାରା ବିଶ୍ୱ ତ୍ରାହି ତ୍ରାହି ଡାକୁଥିଲା ସେହି ସମୟରେ କୋଭିଡ ଟୀକା ଉଦ୍ଭାବନ କରିବା ସହିତ ଆମ ଦେଶରେ କରୋନା କୁ ପ୍ରତିହତ କରିବା ସହିତ ବିଦେଶ କୁ ମଧ କୋଭିଡ ଟୀକା ରପ୍ତାନି କରାଯାଇଥିଲା । ଦିନଥିଲା ଭାରତ ବର୍ଷରେ ଖାଦ୍ୟ ସଙ୍କଟ ସୃଷ୍ଟି ହେଉଥିଲା, ଯାହାଦ୍ୱାରା ଆମଦେଶ ଖାଦ୍ୟ ପାଇଁ ବାହାର ଦେଶ ଉପରେ ନିର୍ଭର କରୁଥିଲା, ଆଜି ସମୟ ବଦଳିଛି, ଆତ୍ମନିର୍ଭର ଭାରତ ବର୍ଷରେ ଆଜି ଆମେ ଖାଦ୍ୟଶସ୍ୟ ବାହାର ଦେଶକୁ ରପ୍ତାନି କରୁଛେ । ଯାହା ପ୍ରଧାନମନ୍ତ୍ରୀ ଙ୍କ ଉଚ୍ଚଦୃଷ୍ଟି ସମ୍ପନ୍ନ କାର୍ଯ୍ୟ ଶୈଳୀ ପାଇଁ ସମ୍ଭବ ହୋଇପାରିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଅଘୋଷିତ ବିଦ୍ୟୁତ କାଟ ପ୍ରସଙ୍ଗ କୁ ନେଇ ପ୍ରତିକ୍ରିୟା ରଖିବା ସହିତ ଆଜି ଲୋକମାନେ ଘରେ ଏସି ଠାରୁ ଆରମ୍ଭ କରି ବିଭିନ୍ନ ବୈଦ୍ୟୁତିକ ଉପକରଣ ର ବହୁଳ ବ୍ୟବହାର କାରଣରୁ ବିଦ୍ୟୁତ କାଟ ହେଉଛି । ଏ ନେଇ ପଦକ୍ଷେପ ନିଆଯାଇଛି, ଯଥାଶୀଘ୍ର ବିଦ୍ୟୁତ ବିତରଣ ସଂସ୍ଥା ସହିତ ଆଲୋଚନା କରାଯାଇ ଏହି ବିଦ୍ୟୁତ କାଟ କୁ ରୋକାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ।

## ସରକାରୀ ଜମିରୁ ମାଟି ଚୋରି ଅଭିଯୋଗରେ ୧୮ ଜଣଙ୍କ ନାମରେ ଏତଲା




ପାରାଦ୍ୱୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ତହସିଲ ଅନ୍ତର୍ଗତ ଫତେପୁର ଗ୍ରାମର ୮୦୦ ଏକର ସରକାରୀ ଜମିରୁ ମାଟି ଖୋଳି ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କାର ମୁନାଫା ନେଇଛନ୍ତି ଶାସକ ଦଳର ଗୋଟିଏ ଛାମୁଆ ଗୋଷ୍ଠୀ। ସେମାନଙ୍କୁ ଧରିବା ପାଇଁ ତଳିଆ କର୍ମଚାରୀ ସାହସ ଜୁଟାଇ ପାରିଲେ ନାହିଁ। କିନ୍ତୁ ବିଳମ୍ବିତ ରାତିରେ ନିଜେ ଜିଲାପାଳ ଓ ଏସ ପି ପୋଲିସ ଫୋର୍ସ ସହିତ ଚଢ଼ାଉ କରି ୫ ଟି ମାଟି ଖୋଳା ପୋକଲିଂ ମେସିନ ଏବଂ ୧୭ ଟି ହାଇୱା ଗାଡି ଜବତ କରିଥିଲେ ଏବଂ ଏହି ମାଟି ଚୋରିରେ ସମ୍ପୃକ୍ତ ୧୮ଜଣଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ବିରୋଧୀ ଦଳ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କୁଶ ପିତ୍ତଳିକା ଦାହ କରିଥିଲେ ମଧ ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରି ନାହିଁ । କାରଣ ସମସ୍ତ ଅଭିଯୁକ୍ତ ମାନେ ଶାସକ ବିଜେପିର ସ୍ଥାନୀୟ ନେତା ଓ କର୍ମୀ ତଥା ଶିଳ୍ପ ମନ୍ତ୍ରୀଙ୍କ ନିକଟତମ ବ୍ୟକ୍ତି ଅଟନ୍ତି। ପୋଲିସ ସୂଚନା ଅନୁଯାୟୀ, ଫତେପୁର ଗ୍ରାମର ଇଡ୍କୋ ଅଧିକୃତ ଜମିରେ ଗତ ମେ ୧୪ ତାରିଖ ବିଳମ୍ବିତ ରାତିରେ ନିଜେ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଏବଂ ଏସ ପି ଅଙ୍କିତ ବର୍ମା ଚଢ଼ାଉ କରି ୭ଟି ମାଟି ଖୋଳା ପୋକିଲିନ ମେସିନ ଏବଂ ୧୫ଟି ଟ୍ରକ ଜବତ କରିବା ସହିତ ଏହି ମାଟି ଚୋରିରେ ସମ୍ପୃକ୍ତ ୧୮ ଜଣଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତଙ୍କ ମଧରେଜଗତସିଂହପୁର ଜିଲ୍ଲା ବିଜେପି ଉପ ସଭାପତି ଶ୍ରୀ ତପନ ତ୍ରିପାଠୀ, ଶ୍ରମିକ ନେତା ଶ୍ରୀ ପ୍ରକାଶ ତ୍ରିପାଠୀ, ଶିଳ୍ପ ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ବେହେରା, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଫତେପୁର ସରପଞ୍ଚ ସିଦ୍ଧାର୍ଥ କୁମାର ପ୍ରଧାନ, ବିଜେପି ନେତା କୁମରବର ମହାପାତ୍ର, ଜୁମର ମହାପାତ୍ର ,ବିନୋଦ ସାମଲ, ଅନନ୍ତ ବିଶ୍ୱାଳ ପ୍ରମୁଖ ଅଛନ୍ତି। କୁଜଙ୍ଗ ଅତିରିକ୍ତ ତହସିଲଦାର ଶ୍ରୀ ବ୍ୟୋମକେଶ ପ୍ରଧାନଙ୍କ ପକ୍ଷରୁ ପ୍ରଦତ୍ତ ଏଫ ଆଇ ଆର ଦେଇଛନ୍ତି ଯେ ଫତେପୁର ମୌଜାର ଖାତା ନଂ ୫୯୦/୩୩,୬୯୭/୨ ରୁ ମାଟି ଚୋରି ହୋଇଛି। କୁଜଙ୍ଗ ଥାନା ଆଇ ଆଇ ସି ଶିବାଶିଷ ଦାସ କହିଛନ୍ତି ଯେ ଅଭିଯୁକ୍ତଙ୍କ ନାମରେ ସେକ୍ସନ ୩୦୩(୨),୩୧୭(୨),୬(୨),୧୧୨.୩(୫), ବି ଏନ ଏସ ସମେତ ,ଏମ ଏମ ଡ଼ି ଆର ,ପରିବେଶ ସୁରକ୍ଷା ଆଇନ ୧୯୮୬,ଓଡ଼ିଆ ଲଘୁ ଖଣିଜ ଦ୍ରବ୍ୟ ଚୋରି ଆଇନ ୧୯୮୯, ମୋଟର ଭେରୀକ୍ଲିଲ ଆଇନ ୧୯୮୮(୨୦୧୫) ଓ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତ ମାନେ ହେଲେ, ସୋମନାଥ ବେହେରା, ଶ୍ରୀହରି ପାତ୍ର, ଚନ୍ଦନ ପରିଡା, ତୁଷାର କୁମାର ସାହୁ, ହରେକୃଷ୍ଣ ସ୍ୱାଇଁ, ପ୍ରମୋଦ କୁମାର ତରାଇ, ବଂଶୀଧର ସାହୁ, ଦିପୁ ବାବୁ, ସରୋଜ ପ୍ରଧାନ ଓ ଅନ୍ୟମାନେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ଏବଂ ଶିଳ୍ପ ମନ୍ତ୍ରୀ ଅଭିଯୁକ୍ତ ମାନଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ ହେଉଛି।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଆସିକା, (ମହାଭାରତ) : ଆସିକା ଥାନା ଇଲକାର ଜଣେ ନାବାଳିକାକୁ ନାବାଳିକା କୁ ଅପହରଣ ଅଭିଯୋଗରେ ହିଞ୍ଜିଳିକାଟୁ ଥାନା ଲକ୍ଷ୍ମୀପୁର ଗ୍ରାମର ରୋହିତ ଦାସ (୨୬)ନାମକ ଜଣେ ଯୁବକଙ୍କୁ ଗିରଫ କରିଛି ଆସିକା ପୋଲିସ।ପ୍ରକାଶ ଥାଉକି ଆସିକା ବ୍ଲକ ଅନ୍ତର୍ଗତ ଗୋଟିଏ ଗ୍ରାମର ଜଣେ ନାବାଳିକା ହିଞ୍ଜିଳିକାଟୁ ମହାବିଦ୍ୟାଳୟରେ ପାଠ ପଢିବାକୁ ପ୍ରତିଦିନ ଯାଇଥାଏ। ଏହି ସମୟରେ ଉକ୍ତ ଯୁବକ ନାବାଳିକା ଜଣକ ଉପରେ ନଜର ରଖି ପ୍ରେମ ନିବେଦନ କରିଥିଲା। ଏହାପରେ ନାବାଳିକା ଜଣକୁ ଉକ୍ତ ଯୁବକ ଜୋର ଜବରଦସ୍ତ ଅପହରଣ କରିନେଇଥିଲା। ପରିବାର ଲୋକ ଏହି ବିଷୟରେ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଥାନା କେସ ନମ୍ବର ୨୨୮/୨୬ରେ ମାମଲା ରଜୁକରି ଥାନା ଏସ ଆଇ କୈଳାସ ସାହୁ ତଦନ୍ତ କରି ନାବାଳିକା ଜଣକୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଯୁବକକୁ ଗିରଫ କରି ଆସିକା କୋର୍ଟ ଚାଲାଣ କରିଥିଲେ। ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ପୋକ୍ସ ଜେଲ ପଠାଇଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ଶୋଚନୀୟ ହୋଇପଡିଛି କପ୍ତିପଦାରୁ ମାଙ୍କଡପଡା ଆର.ଡି ରାସ୍ତା



କପ୍ତିପଦା, (ମହାଭାରତ) : ୧୬ କି.ମି ବିଶିଷ୍ଟ ରାସ୍ତା ନିର୍ମାଣ ନିର୍ମାଣ ନିମନ୍ତେ ଅର୍ଥ ଅନୁମୋଦନ ଦାବି , ଦାବି ପୂରଣ ନ ହେଲେ ଜୁନ ୨୫ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ "ଶରତ ବିକାଶ ମଞ୍ଚ' । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଠାକୁରାସାହି (ବେତେଇ) ଛକ ଠାରୁ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବି ଥିବା ପ୍ରାୟ ୧୬ କିଲୋ ମିଟର ଦୂରତା ବିଶିଷ୍ଟ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା କପ୍ତିପଦା ବ୍ଲକର ପଦ୍ମପୋଖରୀ ଏବଂ ମଝିଗୋଡିଆ ଗ୍ରାମ ପଞ୍ଚାୟତ ଦେଇ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଦୈନିକ ବସ, ମୋଟର ଯାନ, ସାଇକଲ ଯାତ୍ରୀମାନେ ନିର୍ଭରଶୀଳ ଅଟନ୍ତି। ଏହି ରାସ୍ତାର ଠାକୁରାସାହି ଛକ ପୂର୍ବ ଦିଗକୁ ବାଲେଶ୍ୱର ଜିଲ୍ଲାର ଔପଦା ବଜାରକୁ ସଂଯୋଗ କରୁଅଛି ଅର୍ଥାତ ଏହି ରାସ୍ତାରେ ଉଭୟ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ଲୋକେ ନିର୍ଭରଶୀଳ ଅଟନ୍ତି। ସୂଚନା ଥାଉ କି, ତତ୍କାଳୀନ ବିଜେଡି ସରକାରଙ୍କ ଅମଳରେ ୨୦୧୪-୧୫ ମସିହା ଆର୍ଥିକ ବର୍ଷରେ ମୟୂରଭଞ୍ଜ(ବାରିପଦା) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା । ଶରତ ଭଳି ଉପାନ୍ତ ଅଞ୍ଚଳରେ ବିଜେପି ସରକାରଙ୍କ ଅମଳରେ କୌଣସି ଗୋଟିଏ ହେଲେ ମଧ ବୃହତ ରାସ୍ତା ପ୍ରକଳ୍ପ ନିର୍ମାଣ କରାଯିବା ନିମନ୍ତେ ଅର୍ଥ ଅନୁମୋଦନ ହୋଇ ନ ଥିବା ଶରତ ବିକାଶ ମଞ୍ଚ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସରକାରଙ୍କ ରାଜକୋଷରୁ ଯଥେଷ୍ଟ ପରିମାଣରେ ଅର୍ଥ ଅନୁମୋଦନ କରାଯାଇ ରାସ୍ତା ନିର୍ମାଣ କରାଯିବାକୁ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ "ଶରତ ବିକାଶ ମଞ୍ଚ ' ଦାବି କରିଛି । କପ୍ତିପଦା ବ୍ଲକ ତଥା ଶରତ ଅଞ୍ଚଳ , ଉଭୟ ମୟୂରଭଞ୍ଜ ଜିଲ୍ଲା ଏବଂ ବାଲେଶ୍ୱର ଜିଲ୍ଲାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଶରତ ବିକାଶ ଅନୁରୋଧ କରିଛନ୍ତି କାରଣ ରାସ୍ତାର ଦୂରାବସ୍ଥା କାରଣରୁ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଅନେକ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଥି ପ୍ରତି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାକୁ ବିକାଶ ମଞ୍ଚ ସଭାପତି ଗାମାଏ ରାମିଲ ସିଂ ଗୋଇପାଇ ନିବେଦନ କରିଛନ୍ତି। ଦାବି ନ ପୂରଣ ହୋଇ ପାରିଲେ ଆସନ୍ତା ମାସ ଜୁନ ୨୫ ତାରିଖ ଦିନ "ଶରତ ବିକାଶ ମଞ୍ଚ' ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶ୍ରୀ ଗୋଇପାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପ୍ରୋତ୍ସାହନ ଅଭାବରୁ ହଜି ବାକୁ ବସିଲାଣି କମାର ଶାଳ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ଅଟେ। ଏଠାକାର ଜୀବନ ଜୀବିକା ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ବର୍ତ୍ତମାନ୍ ଖରିଫ ଋତୁ ସକାଶେ ଚାଷୀ ସଜବାଜ ହେଲାଣି। ଚାଷୀ ତାର ଚାଷ ସରଞ୍ଜାମ ଧରି କମାର ଶାଳ ରେ ଦା, କୋଡ଼ି, ଲଙ୍ଗଳ, କାତି , ଶାବଳ, ପ୍ରଭୃତି ସାରଞ୍ଜାମ ଧରି ପଯେଇ ବା ସକାଶେ ଧାର କରିବା ସକାଶେ କମାର ଶାଳକୁ ଯାଆନ୍ତି। ବର୍ତ୍ତମାନ୍ ପୁର ପଲ୍ଲୀରେ କମାର ଶାଳ ହଜି ଗଲାଣି ଆଉ ଠକ୍ ଠକ ଶବ୍ଦ ଗାଁର ଶେଷ ମୁଣ୍ଡରେ। ଗହଳି ଚହଳୀ ନାଇ କମାର କାମ କରୁଥିବା ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗଲେଣି। ସେମାନଙ୍କୁ ସରକାର ପ୍ରୋତ୍ସାହନ ଦେଇଥିଲେ ନିଜର କୌଳିକ ବୃତ୍ତି ବଞ୍ଚି ପାରି ଥାନ୍ତେ। ପୁର ପଲ୍ଲୀରୁ ଲୋକେ ସହର ରେ ଥିବା କମାର ଶାଳ ଉପରେ ନିର୍ଭର କରୁ ଥିବା ଦେଖିବାକୁ ମିଳିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମହିଳା ହିଂସା ବିରୋଧରେ ଗର୍ଜିଲା ବିଜେଡ଼ି



କାଳିମେଲା (ମହାଭାରତ)-ଓଡ଼ିଶାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିବା ବେଳେ ମହିଳାଙ୍କ ବିରୋଧରେ ହିଂସା ବଢ଼ି ବଢ଼ି ଚାଲିଛି। ଡବଲ ଇଂଜିନ ସରକାର ମହିଳାଙ୍କୁ ୩୩% ସରକ୍ଷଣ ଦେବାରେ ବିଫଳ ହୋଇଥିବା ବେଳେ ବିଜେପି ସରକାର ବିରୋଧରେ ଆଜି ବିଜୁ ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିରେ ଶତାଧିକ ମହିଳା କର୍ମୀ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧରେ ଗର୍ଜି ଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କାଲିମେଳା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ ଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ହାଟପଦା ଠାରୁ ବ୍ଲକ କାର୍ଯ୍ୟଳୟ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ମାନସ ମାଡକାମୀ ଓ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ସମେତ ଅନେକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କଲେ ଗଣଶିକ୍ଷା ମନ୍ତ୍ରୀ



ବାଲିପାଟଣା(ମହାଭାରତ):ବାଲିପାଟଣାଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାରଦା ପ୍ରସାଦ ଶତପଥୀ ,ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଶିକ୍ଷକ ନେତା ବିଜୟ କୁମାର ବେହେରା, ପ୍ରଭାକର ମଲ୍ଲିକ, ଦୀନକୃଷ୍ଣ ସାହୁ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଧାନଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର, ସତ୍ୟଭାମା ଦାଶ ଏବଂ ଏବିଇଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ମେଧାବୀ ଛାତ୍ର ଅଂଶୁମାନ ଦାସଙ୍କ ସହ ଇ୧ ଗ୍ରେଡ୍ ପାଇଥିବା ସମସ୍ତ ୮ ଜଣ ଛାତ୍ରଛାତ୍ରୀ ଲଇ୨ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଥିବା ୫୪ ଜଣ ଶିକ୍ଷାର୍ଥୀ ,ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମଧ ମନ୍ତ୍ରୀ ଦ୍ୱାରା ମାନପତ୍ର ଓ ଉପହାର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ମମିତା ଦଳାଇ ଓ ରମାରଞ୍ଜନ ଦାସ ସଫଳତାର ସହ ଉପସ୍ଥାପନା କରିଥିବା ବେଳେ ଶେଷରେ ଏବିଇଓ ଯଶୋଦା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଭବ୍ୟ ସମାରୋହରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ସିଆରସିସି ଯୋଗଦେଇଥିଲେ।

## ଅନ୍ଧାରରେ କନ୍ତାମିଲା ଗାଁ

### ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ର୍ନିବାଚନମଣ୍ଡଳୀ ହିନ୍ଦୋଳବ୍ଲକ ଅନ୍ତର୍ଗତ କନ୍ତାମିଲାପଂଚାୟତ ବାସି ଆଜକୁ ୪ଦିନ ହେବ ଅନ୍ଧାରରେ।ଖବରରୁ ପ୍ରକାଶ ଗତ ୧୮ତାରିଖରୁ ହିନ୍ଦୋଳ ବିଦ୍ୟୁତବିଭାଗର ବେପରବା ପାଇଁ କନ୍ତାମିଲା ପଂଚାୟତର ଅଧୀନ ଧୋବଣୀନନ୍ଦର, ବିଲେଇଖଳି, ଉପରପାଳ, ଗୋହିରାଛୋଡ, ଦିଅରପଶି, ଖଜୁରିଆମୁଣ୍ଡା ଇତ୍ୟାଦି ଗ୍ରାମ ଗୁଡିକରେ ବିଦ୍ୟୁତ କଟି ଯାଇଥିବାରୁ ଶହଶହ ଗ୍ରାମବାସି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ହନ୍ତସନ୍ତ ହେବାସହ ଅନ୍ଧାରରେ ଦିନ କାଟୁଛନ୍ତି। ହାତୀପ୍ରବଣ ଏହି ଅଞ୍ଚଳରେ ରାତିରେ ହାତୀ ସହିତ ବନ୍ୟଜନ୍ତୁ ଭୟ ଦିନରେ ସନଷ୍ଟ୍ରୋକ ଆଶଙ୍କା।ବିଦ୍ୟୁତକାଟ ପାଇଁ ପଂଚାୟତବାସି ସ୍ଥାନୀୟ ବିଦ୍ୟୁତବିଭାଗକୁ ଜଣାଇଥିଲେ ହେଁ ବିଭାଗ କର୍ଣ୍ଣପାତ ନକରିବାରୁ ଶହଶହ ପଂଚାୟତବାସି ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଟାଟା ପାୱାରର ବ୍ରିଟିଶରାଜରେ ଯଉଠି ସରକାରଙ୍କ ମୁଖ୍ୟମନ୍ତ୍ରୀ,ମନ୍ତ୍ରୀ,ସାଂସଦ, ବିଧାୟକ ମାନଙ୍କୁ ଏବଂ ପ୍ରଶାସନକୁ ତିଳେମାତ୍ର ହେୟଜ୍ଞାନ କରୁନି ଏ କ୍ଷେତ୍ରରେ ନ୍ୟାୟ ପାଇଁ ଜନତା ଆଶା ଛାଡି ଦେଇଥିଲେବି ହିନ୍ଦୋଳର ଦକ୍ଷ କର୍ତବ୍ୟପରାୟଣ ଉପଜିଲ୍ଲାପାଳ ପ୍ରଭାସ ବେଉରା ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି ଯାହାକି ଲୋକଙ୍କ ମନରେ ଆଶା ସଂଚର କରିଛି। ତେବେ ଭୀଷଣ ଗ୍ରୀଷ୍ମପ୍ରବାହରେ ଲୋକ ଘରୁ ବାହାରିବାକୁ ଭୟ କରୁଥିବାବେଳେ ହିନ୍ଦୋଳ ବିଦ୍ୟୁତବିଭାଗର ଦୈନିକ ଅଘୋଷିତ ବିଦ୍ୟୁତକାଟ, ଦାଦାଗିରି ପାଇଁ ଅତିଷ୍ଠ ଜନସାଧାରଣ ଦରକାର ପଡିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଟାଟା ବିଦ୍ୟୁତ ବିଭାଗକୁ ଦୃଢ଼ ବିରୋଧ କରିବେବୋଲି ହିନ୍ଦୋଳ ର୍ନିବାଚନମଣ୍ଡଳୀ ବାସି ଚେତାବନୀ ଦେଇଛନ୍ତି।

## ଅସହ୍ୟ ଗୁଳୁଗୁଳିରେ ଅଘୋଷିତ ବିଦ୍ୟୁତ କାଟ

### ଜନପ୍ରତିନିଧି ଓ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପକୁ ଅପେକ୍ଷା

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଅଞ୍ଚଳରେ ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ବିଦ୍ୟୁତ ସେବା ଏବଂ ଟାଟା ପାୱାରର ଏଭଳି ମନମାନି ଯୋଗୁଁ ସାଧାରଣ ଜନତା ଏବେ ନିରୁପାୟ ହୋଇପଡ଼ିଛନ୍ତି। ଏହି ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜନପ୍ରତିନିଧି ଏବଂ ଶକ୍ତି ବିଭାଗର ଉପରିସ୍ଥ ଉଚ୍ଚ ପଦାଧିକାରୀମାନେ ଏଥିରେ ସିଧାସଳଖ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଉପଭୋକ୍ତାମାନେ ଜୋରଦାର ଦାବି କରିଛନ୍ତି।ଗ୍ରାମାଞ୍ଚଳର ଏହି ଗୁରୁତର ଲୋ-ଭୋଲ୍ଟେଜ୍ ଓ ଅଘୋଷିତ ପାୱାର କଟ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁ ବୋଲି ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି। ଯଦି ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ସ୍ୱରକୁ ନଶୁଣନ୍ତି, ତେବେ ଆଗାମୀ ଦିନରେ ଏହି ଅସନ୍ତୋଷ ଏକ ବଡ଼ ଆନ୍ଦୋଳନର ରୂପ ନେବ ବୋଲି ଜନସାଧାରଣ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

## ନିଆଁ ଲାଗି ୨ଟି ସାଇକେଲ ଓ ଗୋଟିଏ ବାଇକ୍ ଭସ୍ମୀଭୂତ

ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ଗ୍ରାମ ପଞ୍ଚାୟତ ବାଲିକାଦୁଆ ସାହିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ଏହି ସାହିର ଗଙ୍ଗାଧର ମଲ୍ଲଙ୍କ ଘର ବାରଣ୍ଡାରେ ରଖାଯାଇଥିବା ଗାଡ଼ିଗୁଡ଼ିକରେ ହଠାତ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଦୁଇଟି ସାଇକେଲ ଏବଂ ଗୋଟିଏ ମୋଟରସାଇକେଲ ସମ୍ପୂର୍ଣ୍ଣ ରୂପେ ଭସ୍ମୀଭୂତ ହୋଇଯାଇଛି। ତେବେ ସୌଭାଗ୍ୟବଶତଃ ପାଖରେ ଥିବା ଅନ୍ୟ ଦୁଇଟି ବାଇକ୍ ଅଳ୍ପକେ ରକ୍ଷା ପାଇଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ସମସ୍ତେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲାଯ ନିଆଁ ଲାଗିବାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ସୁଦ୍ଧା, କେହି ଦୁର୍ବୃତ୍ତ ଶତ୍ରୁତା ମୂଳକ ଭାବେ ଏହି କାଣ୍ଡ ଘିଆଇଥିବା ଅନୁମାନ କରାଯାଉଛି। ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଗାଡ଼ି ଏବଂ ସାଇକେଲଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇସାରିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ଦନ୍ଦ୍ରାବାହାଲ ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବଲ୍ଲଭ ଧରୁଆଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ପାଟଣାଗଡ(ମହାଭାରତ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଦନ୍ଦ୍ରାବାହାଲ ଗ୍ରାମରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉଉୟନ ପରିଷଦ (ଝଉଉ) ର ମାନ୍ୟବର ଅଧକ୍ଷ ଶ୍ରୀଯୁକ୍ତ ବଲ୍ଲଭ ଧରୁଆଙ୍କୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀଯୁକ୍ତ ଧରୁଆ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ହାଇସ୍କୁଲ ନିକଟରୁ ଶତାଧିକ ଗ୍ରାମବାସୀ ଓ ଯୁବକ ମାନେ ତାଙ୍କୁ ସସମ୍ମାନେ ସ୍ୱାଗତ କରି ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଇଥିଲେ । ଏହା ପରେ ଗ୍ରାମର ପ୍ରସିଦ୍ଧ ମାଉସୀ ମା' ମନ୍ଦିର ନିକଟରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ଆୟୋଜନ କରା ଯାଇଥିଲା ।ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଶ୍ରୀ ବଲ୍ଲଭ ଧରୁଆ ମଞ୍ଚାସୀନ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତି ପଟେଲ, ସମିତି ସଭ୍ୟା ଭାନୁମତୀ ରାଏ, ପ୍ରମୁଖ ଯୁବନେତା ଶିଶୁଦେବ ପଟେଲ, ରିଙ୍କୁ ପୁରୋହିତ ଏବଂ ସରୁପା ପ୍ରମୁଖ ଉପସ୍ଥିତ ରହି ଥିଲେ । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ମାନ୍ୟବର ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ସମସ୍ୟା ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଅଧକ୍ଷ ଶ୍ରୀ ଧରୁଆ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଏବଂ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା, ଅଞ୍ଚଳରେ ଶୋକର ଛାୟା

ଧାମନଗର : ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଧୀନ ଭଣ୍ଡାରିପଡା ଅଞ୍ଚଳରେ ଘଟିଛି ଏକ ହୃଦୟବିଦାରକ ଘଟଣା। ଜଣେ ପ୍ରାୟ ୩୩ବର୍ଷୀୟ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି ।ମିଳିଥିବା ସୂଚନା ଅନୁଯାୟୀ,ସନ୍ତୋଷ ଯେନ ଗତକାଲି ବିଳମ୍ବିତ ରାତିରେ ପାରିବାରିକ ମାନସିକ ଚାପ ଓ ଅଶାନ୍ତିରେ ରହି ଯୁବକଜଣକ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ସକାଳୁ ଧୁଷୁରା ବମକୁରା ରାସ୍ତା ର ବାମପାର୍ଶ୍ୱ ରେ ଏକ ଗଛ ରେ ଏକ ଶବ ଝୁଲା ଅବସ୍ଥା ରେ ଦେଖିଥିଲେ ଖବର ପାଇ ଧୁଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ୧୪/୨୦୨୬ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।ଆତ୍ମହତ୍ୟା ପଛରେ ପ୍ରକୃତ କାରଣ କ'ଣ ରହିଛି, ସେନେଇ ତଦନ୍ତ ଜାରି ରହିଛି ।ଏହି ଘଟଣା ପରେ ଭଣ୍ଡାରିପଡା ଓ ଆଖି ପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## କୁକୁର କାମୁଡ଼ାରେ ୩ ଆହତ

ପାଟଣା(ମହାଭାରତ): ଆଜି ସକାଳୁ ସକାଳୁ ଏକ ପାଗଳ କୁକୁର କେନ୍ଦୁଝର ଜିଲ୍ଲା ପାଟଣା ଥାନା କୁଣ୍ଡଳା ଗ୍ରାମର ୩ଜଣ ଙ୍କୁ କାମୁଡ଼ା ରେ ଆହତ ହୋଇଛନ୍ତି। ଆହତ ମାନେ ପାଟଣା ମେଡିକାଲ ରେ ଭର୍ତ୍ତି ହେଉଛନ୍ତ। ସୂଚନା ରୁ ପ୍ରକାଶ ଶୁକ୍ରବାର ସକାଳ କୁଣ୍ଡଳା ଗ୍ରାମର ମୁଗ ଗିରି ଜଣେ ବୃତ୍ତି ରେ ଜଣେ ଅଙ୍ଗନ ବାଡ଼ି କେନ୍ଦ୍ର ରେ ପାଚିକା ଭାବେ କାର୍ଯ୍ୟରତ ଥିବାଅଙ୍ଗନ ବାଡ଼ି କେନ୍ଦ୍ର କୁ ରୋଷେଇ କରିବାକୁ ଯାଇ ଥିବା ସମୟରେ ଓ କୁରୁବାଲି ନାଏକ ନିଜ ଘର ଦାଣ୍ଡ ରେ ଠିଆ ହେବା ସହିତ ମିରିଗିଖୋଜି ଗ୍ରାମର ସୌମ୍ୟ ରଞ୍ଜନ ମହାନ୍ତ ବାହାରି ଟିୟୁସନ ଯାଉ ଥିବା ସମୟରେ ଏକ ପାଗଳା କୁକୁର ର କାମୁଡ଼ା ର ସ୍ୱୀକାର ହୋଇ ଥିଲେ। ପାଗଳା କୁକୁର ର କାମୁଦିବା ଦେଖି ୩ଜଣ କୁ କୁକୁର ଆକ୍ରମଣ ଉଦ୍ଧାର କରିବା ସହ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉ ଛନ୍ତି।

## ସମସ୍ୟା ଘେରରେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ

ଗଜପତ(ମହାଭାରତ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଟି ସମସ୍ୟା ଘେରରେ ଥିବା ଦେଖିବାକୁ ମିଳିଛି। ଏଠାରେ ପି ଡି ପଦବୀ ଖାଲି ପଡ଼ିଛି। ଏ ପ ଡି ଦାୟିତ୍ୱ ତୁଲାଉଛନ୍ତି। ସରକାର ଯଥା ଶୀଘ୍ର ପି ଡି ପଦବୀ ପୁରଣ କରିଲେ ଜିଲ୍ଲାର ବିକାଶ ହୋଇ ପାରିବ। ବିଭାଗରେ କ୍ଷେତ୍ର କର୍ମ ଚାରି ଓ ଅଫିସ କର୍ମଚାରୀ ଦୀର୍ଘ ଦିନ ହେଲା ବଦଳି ହୋଇ ନାହିଁ। ସରକାର ଙ୍କ ନିୟମ କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲା ପ୍ରଶାସନ ଜାଣି ସୁଦ୍ଧା ବଦଳି ହଉ ନାହ। ଲୋକଙ୍କ ସରକାର ରେ ଏପରି ହୁଏ ତେବେ ଲୋକେ ଗୁହାରି କାହାକୁ କରିବେ। ସ୍ୱଚ୍ଛତା ଉପରେ ପ୍ରଶ୍ନ ବା ଚି ସୃଷ୍ଟି କରିଛି। ବିଭାଗରେ ଦୁର୍ନୀତି ଗନ୍ତୟ ଘର୍ ପାଲଟିଛି। ଏଠାରେ ଲୋକାଲ ଲୋକ କାମ କରୁ ଥିବାରୁ ଦୁର୍ନୀତି ବଢୁଛି ।ସେମାନେ କାହାକୁ ଖାତିରି କରୁ ନାହାନ୍ତି। ତେଣୁ ତୁରନ୍ତ କର୍ମଚାରୀ ଙ୍କ ବଦଳି ହେବା ଆବଶ୍ୟକ୍ୟକ ରହିଛି।

## ସ୍ତ୍ରୀ ମୃତ୍ୟୁ କୁ ନେଇ ଥାନା ରେ ସ୍ୱାମୀ ଅଟକ

ପାଟଣା(ମହାଭାରତ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡ ପାଟଣା ଗ୍ରାମ ଘଟିଯାଇଛି ଏକ ଅଭାବନିୟ ଘଟଣା ସ୍ତ୍ରୀ ମୃତ୍ୟୁ କୁ ନେଇ ସ୍ୱାମୀ ଥାନା ରେ ଅଟକ ରଖିଛି । ସୂଚନା ରୁ ପ୍ରକାଶ ଗତ କାଲି ସନ୍ତୋଷ ନାଏକ ସ୍ତ୍ରୀ ରମ୍ଭା ନାଏକ ଏକ ଭୋଜି କୁ ଖଲି ଉଠା କାମ କରିବାକୁ ଯାଇ ଥିଲେ। ସେଠାର ରୁ କାମ ସାରି ଦୁହେଁ ଘର କୁ ଫେରିଥିଲେ। ସେଥିରେ ସ୍ତ୍ରୀ ରମ୍ଭା ର କୌଣସି କାରଣ ରୁ ଦେହ ଅସୁସ୍ଥ ହେବାରୁ ସ୍ୱାମୀ ସନ୍ତୋଷ ଓ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ରେ ରମ୍ଭା ର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରି ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ରମ୍ଭା ର ମୃତ୍ୟୁ ଘଟିଥିବା ବେଳେ ପାଟଣା ପୋଲିସ ରମ୍ଭା ମୃତ୍ୟୁ ଘଟଣା କୁ ନେଇ ସ୍ୱାମୀ ସନ୍ତୋଷ ନାଏକ କୁ ଥାନା ରେ ଅଟକ ରଖି ପଚରାଉଚରା କରୁ ଥିବା ବେଳେ ମୃତ ରମ୍ଭା ନାଏକ ଙ୍କ ମାଆ ବାସନ୍ତୀ ନାଏକ ଝିଅ ରମ୍ଭା କୁ ଜ୍ୱାଇଁ ସନ୍ତୋଷ ନାଏକ ମାରି ଦେଇ ଥିବା ପାଟଣା ଥାନା ରେ ଅଭିଯୋଗ କରିବା ପରେ ପୋଲିସ ସନ୍ତୋଷ ନାଏକ କୁ ଥାନା ଅଟକ ରଖି ମୃତ୍ୟୁ ସଠିକ୍ ତଦନ୍ତ ଜାରି ରଖିଛି।

## ପୁଣି ପ୍ରକୃତିର ପ୍ରଳୟ ଲୀଳା, ଅନେକ ପରିବାର ହେଲେ ସର୍ବସ୍ୱାନ୍ତ



ଲକ୍ଷ୍ମୀପୁର(ମହାଭାରତ): କେବେ ଥମିବ କାଳବୈଶାଖୀର ତାଣ୍ଡବ। କେବେ ଲୋକମାନେ ଭୟ ଓ ଚିନ୍ତାରୁ ମୁକ୍ତି ପାଇବେ । ପ୍ରତିଦିନ ପ୍ରବଳ ପବନ ସହ ବର୍ଷା ହୋଇ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକାକୁ ଅସ୍ତବ୍ୟସ୍ତ କରିଦେଉଛି। ଦିନକୁ ଦିନ କାଳବୈଶାଖୀ ନିଜର ଭୟଙ୍କର ରୂପ ଦେଖାଇ ଅନେକ ଗରିବ ପରିବାରଙ୍କ ଘରଦ୍ୱାର ଭାଙ୍ଗିଦେବା ସହିତ ଧନସମ୍ପତ୍ତିକୁ ମଧ୍ୟ ନଷ୍ଟ କରିଚାଲିଛି । କେତେକ ସ୍ଥାନରେ ଜୀବନହାନି ଘଟୁଥିବାରୁ ଲୋକମାନଙ୍କ ମନରେ ଭୟର ପରିବେଶ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତି ମଧ୍ୟରେ ଶୁକ୍ରବାର ପୁଣି କାଳବୈଶାଖୀର ଭୟଙ୍କର ତାଣ୍ଡବ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ସିଙ୍ଗାରାମ, ପରଡ଼ିଗୁଡା ଓ କୁମ୍ଭାରଗୁଡା ଗ୍ରାମରେ ।ପ୍ରବଳ ପବନରେ ଅନେକ ଘରର ଆଦବେଷ୍ଟ ଉଡିଯାଇଥିବା ବେଳେ ଗାଁରେ ଲାଗିଥିବା ସୋଲାର ବ୍ୟବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କେତେକ ପରିବାର ଖୋଲା ଆକାଶ ତଳେ ରହିବାକୁ ବାଧ ହୋଇଥିବା ଜଣାପଡ଼ିଛି । ଖବର ପାଇ ସାଙ୍ଗେସାଙ୍ଗେ ଲକ୍ଷ୍ମୀପୁର ଅଞ୍ଚଳର ଶିକ୍ଷିତ ଯୁବ ସମାଜସେବୀ ପପୁନ ହିକକା ପ୍ରଭାବିତ ଗ୍ରାମଗୁଡିକରେ ପହଞ୍ଚି ସ୍ଥିତି ପରଖିଥିଲେ ଯ ଅଧିକାଂଶ ପରିବାର ଗରିବ ଶ୍ରେଣୀରୁ ଆସୁଥିବାରୁ ତାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ ଘର ଭାଙ୍ଗିଯିବା ଘଟଣା ତାଙ୍କୁ ଅଧିକ ଚିନ୍ତାରେ ପକାଇଦେଇଛି ।ପପୁନ ହିକକା ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶାସନଙ୍କୁ ତୁରନ୍ତ କ୍ଷୟକ୍ଷତିର ଅନୁଧ୍ୟାନ କରି ପ୍ରଭାବିତ ପରିବାରଙ୍କୁ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି । ତେବେ ଏହି ଦୁଃଖୀ ପରିବାରମାନଙ୍କ ଦୁଃଖ ପ୍ରତି ପ୍ରଶାସନ କେତେ ତତ୍ପରତା ଦେଖାଉଛି, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଶ୍ରୀ ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

### ଜୁନ୍ ୧୯ରେ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି



ଭଦ୍ରକ,(ମହାଭାରତ): ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ। ଏହି ମହୋତ୍ସବକୁ ସୁରୁଚୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧକ୍ଷ ଦିଲିପ ରାଉତରାୟଙ୍କ ଅଧକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଏସପି ମନୋଜ ରାଉତ, ଏଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ୍ତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ଶ୍ରୀ ଶିବ ବିବାହ ଉତ୍ସବକୁ ସୁରୁଚୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ। ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବାୟପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେବାୟତ ଶ୍ରୀ ବିଜୟ କୁମାର ଦାସ ଶିବ ବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବ୍ୟବସ୍ଥା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ପରିଚାଳନା ସହ ବିଭିନ୍ନ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନେଇ ଭକ୍ତମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ ବି ଗୁରୁତ୍ୱ ଦିଆଯାଇଥିଲା ।ପରିବେଶ ସୁରକ୍ଷା ଦୃଷ୍ଟିରୁ ବାଣ ଫୁଟା କାର୍ଯ୍ୟକ୍ରମରେ ସବୁଜ ବାଣ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଭାରତ ପରେ ଏବେ ପାକିସ୍ତାନରେ ଗଠନ ହେଲା କକ୍ରୋଚ ପାର୍ଟି: ଲକ୍ଷ୍ୟ ସମାନ




ନୂଆଦିଲ୍ଲୀ : ଭାରତରୁ ପାକିସ୍ତାନକୁ ଉଡ଼ିଲା କକ୍ରୋଚ। ଏବେ ପାକିସ୍ତାନରେ ଗଠନ ହେଲା କକ୍ରୋଚ ପାର୍ଟି। ଭାରତର ଏହି ଟ୍ରେଣ୍ଡ ଏବେ ପାକିସ୍ତାନକୁ ଡେଇଁଛି। ପାକିସ୍ତାନରେ ଦୁଇଟି କକ୍ରୋଚ ପାର୍ଟି– କକରୋଚ ଆୱାମୀ ପାର୍ଟି (ସିଏପି) ଏବଂ କକରୋଚ ଆୱାମୀ ଲିଗ (ସିଏଏଲ୍)ର ଗଠନ ହୋଇଛି।

ପ୍ରକୃତରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ମନ୍ତବ୍ୟ ପରେ ଏହି ଟ୍ରେଣ୍ଡ ଆରମ୍ଭ ହୋଇଛି। ସୂର୍ଯ୍ୟକାନ୍ତ ବିଭିନ୍ନ ଆନ୍ଦୋଳନରେ ସାମିଲ ହେଉଥିବା ଯୁବବର୍ଗଙ୍କୁ 'କୋକରୋଚ୍' ଏବଂ 'ପରଜୀବୀ' ବୋଲି କହିଥିଲେ। ଏହାକୁ ନେଇ ବିବାଦ ତେଜିବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ତାଙ୍କର ମନ୍ତବ୍ୟ ସବୁ ବେକାର ଯୁବବର୍ଗଙ୍କ ପାଇଁ ନଥିଲା। ବିଚାରପତିଙ୍କ ଏଭଳି ମନ୍ତବ୍ୟକୁ ସୋସିଆଲ୍ ମିଡିଆରେ ପ୍ରବଳ ବିରୋଧ କରାଯାଇଥିଲା। ଏହାପରେ ଆମ ଆଦ୍ମୀ ପାର୍ଟିର ଜଣେ ପୂର୍ବତନ ସୋସିଆଲ୍ ମିଡିଆ କର୍ମୀ ଅଭିଜିତ ଦୀପକେ ମେ ୬ ତାରିଖରେ ସୋସିଆଲ୍ ମିଡିଆରେ କକରୋଚ ଜନତା ପାର୍ଟି ଗଠନ କରିଥିଲେ। ଚାହୁଁ ଚାହୁଁ ଏହି ଆକାଉଣ୍ଟକୁ ଏତେ ସପୋର୍ଟ ମିଳିଥିଲା ଯେ ଏହାର ଇନଷ୍ଟା ଆକାଉଣ୍ଟ ମାତ୍ର ୪ ଦିନରେ ୧୫ ମିଲିଅନ ଅତିକ୍ରମ କରିଥିଲା। ଯାହା ବିଜେପିର ଇନଷ୍ଟା ଆକାଉଣ୍ଟସର ଫଲୋଆର୍ସକୁ ଟପିଯାଇଥିଲା। ପରେ ଏହି ଆକାଉଣ୍ଟକୁ ଭାରତରେ ବନ୍ଦ କରିଦିଆଯାଇଥିଲା। କିନ୍ତୁ ଅଭିଜିତ ଆଉ ଏକ ଆକାଉଣ୍ଟ ଖୋଲି ପୁଣି ଲୋକଙ୍କୁ ଫଲୋ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଆକାଉଣ୍ଟକୁ ବି ଲୋକେ ପାଗଳ ପରି ଫଲୋ କରିଥିଲେ।

ଆଉ ଏବେ ଏହି କକ୍ରୋଚ ପାର୍ଟିର ଟ୍ରେଣ୍ଡ ପାକିସ୍ତାନରେ ଦେଖା ଦେଇଛି। ଭାରତରେ ଏହାର ସଫଳତା ଦେଖି ପାକିସ୍ତାନରେ ମଧ୍ୟ ଅନଲାଇନ କକ୍ରୋଚ ପାର୍ଟି ଗଠନ କରାଯାଇଛି। ପାକିସ୍ତାନର କକରୋଚ ଆୱାମୀ ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟର ବାୟୋରେ ଲେଖାଯାଇଛି "ହଁ କପି ହେଇଛି, କିନ୍ତୁ ସେଥିରେ କ'ଣ ଅଛି, ଲକ୍ଷ୍ୟ କିନ୍ତୁ ସମାନ।" ଏହି ଆକାଉଣ୍ଟଟି ସବୁଜ ଏବଂ ଧଳା ବ୍ରାଣ୍ଡିଂ ବ୍ୟବହାର କରିବା ସହ ପାକିସ୍ତାନରେ 'ପ୍ରତ୍ୟେକ ଜେନ-ଜିର ପ୍ରକୃତ ସ୍ୱର' ହେବାର ଲକ୍ଷ୍ୟ ରଖିଛି। ଏହା ନିଜକୁ ପ୍ରତିଷ୍ଠିତ ରାଜନୈତିକ ଦଳଗୁଡ଼ିକର ବିକଳ୍ପ ଭାବରେ ସ୍ଥାପିତ କରିବାକୁ ଚାହୁଁଛି। ସୋସିଆଲ୍ ମିଡିଆରେ ଏକ୍ସରେ ଏକାଧିକ ଆକାଉଣ୍ଟ କ୍ରିଏଟ ହୋଇଛି। ସେଥିରେ ଗୋଟିଏ ପେଜ୍ ?ରେ ଲେଖାଯାଇଛି "ଜିହ୍ନେ ସିଷ୍ଟମରେ କକରୋଚ ସମଝା, ହମ ଉହ୍ନି ଆୱାମ କୀ ଆୱାଜ ହେଁ।" ସେହିଭଳି ଅନ୍ୟ ଏକ ପେଜ୍ କକ୍ରୋଚ ଆୱାମୀ ଲିଗରେ ସ୍ଲୋଗାନ ରହିଛି. ହର ହାଲାତ ମେଁ ଜିନ୍ଦା ହେ।

## କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ; ୮୦ରୁ ଅଧିକ ମୃତ




ନୂଆଦିଲ୍ଲୀ : ଚୀନ୍‌ରୁ ଏବେ ବଡ ଅଘଟଣ ଖବର ସାମ୍ନାକୁ ଆସିଛି। ଶୁକ୍ରବାର ଉତ୍ତର ପ୍ରଦେଶ ଶାଂକ୍ସିରେ ଥିବା ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଯୋଗୁଁ ୮୦ ଅଧିକ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଉଛି । ଏବେ ବି ଖଣିରେ ୯ ଜଣ ଶ୍ରମିକ ନିଖୋଜ ଥିବା ବେଳେ ଅନେକ ଫସି ରହିଛନ୍ତି ବୋଲି ଜଣାପଡିଛି। ରାଷ୍ଟ୍ରପତି ସି ଜିନପିଙ୍ଗ ଘଟଣାସ୍ଥଳରେ ଶୀଘ୍ର ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ଦୁର୍ଘଟଣାର କାରଣ ତଦନ୍ତ ଓ ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚୀନ୍‌ର ସରକାରୀ ଖବର ସଂସ୍ଥା ଅନୁଯାୟୀ, ଏହି ଅଞ୍ଚଳ ରାଜଧାନୀ ବେଜିଂରୁ ପ୍ରାୟ ୫୨୦ କିଲୋମିଟର ଦୂରରେ ଅବସ୍ଥିତ। ଶୁକ୍ରବାର ସନ୍ଧ୍ୟାରେ ଚାଙ୍ଗଝି ସହରର ଲିଉସେନ୍ୟୁ କୋଇଲା ଖଣିରେ ଏହି ଦୁର୍ଘଟଣା ଘଟିଛି।ଦୁର୍ଘଟଣା ପୂର୍ବରୁ ଖଣି ଭିତରେ କାର୍ବନ ମନୋକ୍ସାଇଡ୍ ଗ୍ୟାସ୍ ସ୍ତର ସମ୍ପର୍କରେ ସତର୍କ ସୂଚନା ଜାରି କରାଯାଇଥିଲା। ଏହାର କିଛି ସମୟ ପରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଏହି ଦୁର୍ଘଟଣାରେ ୮୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଖଣି ଶ୍ରମିକ ନିଖୋଜ ଅଛନ୍ତି। ଫସିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି । ସେପଟେ ଆହତଙ୍କ ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ଲି କିୟାଙ୍ଗ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ବ୍ୟତୀତ ଦୁର୍ଘଟଣାର କାରଣଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆଇନ ଅନୁଯାୟୀ କଠୋର ଦାୟିତ୍ୱ ଲାଗୁ କରିବାକୁ କହିଛନ୍ତି। କୁହାଯାଉଛି କି ଦୁର୍ଘଟଣା ସମୟରେ ୨୪୭ ଜଣ ଖଣି ଶ୍ରମିକ ଖଣି ଭିତରେ କାମ କରୁଥିଲେ।

ଶାଂକ୍ସି ହେଉଛି ଚୀନ୍‌ର ସର୍ବବୃହତ କୋଇଲା ଉତ୍ପାଦନକାରୀ ପ୍ରଦେଶ। ହେଲେ ଚୀନ୍? ଗତ କିଛି ବର୍ଷ ମଧ୍ୟରେ ଖଣି ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆଣିଛି ବୋଲି ଦାବି କରିଛି। ଏହି ପ୍ରୟାସ ସତ୍ତ୍ୱେ ଦୁର୍ଘଟଣା ଘଟୁଛି। ଫେବୃଆରୀ ୨୦୨୩ରେ, ଆଭ୍ୟନ୍ତରୀଣ ମଙ୍ଗୋଲିଆର ଏକ କୋଇଲା ଖଣିରେ ଭୂସ୍ଖଳନ ଘଟି ୫୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହା ସହିତ, ଗତ ମାସରେ, ଶାଂକ୍ସିର ଲୁଲିଆଙ୍ଗ ଅଞ୍ଚଳରେ ଏକ ଖଣି ଦୁର୍ଘଟଣାରେ ଚାରି ଜଣଙ୍କର ଜୀବନ ଯାଇଥିଲା।

## ପୁରୁଣା ପ୍ୟାଣ୍ଟ ପକେଟରୁ ମିଳିଲା କୋଟି ଟଙ୍କାର ଖଜାନା, ଗୋଟିଏ ମୁହୂର୍ତ୍ତରେ ବଦଳିଗଲା ବ୍ୟକ୍ତିଙ୍କ ଭାଗ୍ୟ

ନୂଆଦିଲ୍ଲୀ ୨୩।୦୫; ଆମେରିକାର ଜଣେ ବ୍ୟକ୍ତିଙ୍କ ଉପରେ ନିକଟରେ ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି । ଏକ ପୁରୁଣା ପ୍ୟାଣ୍ଟ ପକେଟ୍ରୁ ସେ ଗତମାସରେ ଏକ ଲଟେରୀ ଟିକଟ ପାଇଥିଲେ। ତାକୁ ଯାଞ୍ଚ କରିବା ପରେ ସେହି ଟିକଟ ଯୋଗୁ ସେ ଭାରତୀୟ ମୁଦ୍ରାରେ ପ୍ରାୟ ୫୭ କୋଟି ଜିତିଛନ୍ତି। ରିପୋର୍ଟ ଅନୁସାରେ, ନ୍ୟୁଜର୍ସିର ବାସିନ୍ଦା ବ୍ୟକ୍ତିଜଣକ ଗତବର୍ଷ ଏକ ପେଟ୍ରୋଲ ପମ୍ପରୁ ସେହି ଲଟେରୀ ଟିକଟ କିଣିଥିଲେ।

ସେହି ପେଟ୍ରୋଲ ପମ୍ପକୁ ସେ ନିୟମିତ ତେଲ ପକାଇବାକୁ ଯାଉଥିଲେ। ପରେ ତାଙ୍କର ସେହି ଲଟେରୀ ଟିକଟଟି ହଜିଯାଇଥିଲା। ସେ ମଧ୍ୟ ସେଥିପ୍ରତି ଏତେ ଧ୍ୟାନ ଦେଇନଥିଲେ। ଗତମାସରେ ଲଟେରୀର ସମୟ ସୀମା ଶେଷ ହେବା ପୂର୍ବରୁ ଅଧିକାରୀମାନେ ଘୋଷଣା କରିଥିଲେ ଯେ, ଅଦ୍ୟାବଧି କେହି ପୁରସ୍କାର ରାଶି ନେଇନାହାନ୍ତି। ତାର ବୈଧତା ଖୁବ୍ ଶୀଘ୍ର ସମାପ୍ତ ହେବାକୁ ଯାଉଛି। ସେ ଯେଉଁ ପେଟ୍ରୋଲ ପମ୍ପରେ ତେଲ ପକାଠି ସେଇଠୁ ବିଜୟୀ ଟିକଟଟି କିଣାଯାଇଥିବା ସେମାନେ ସୂଚନା ଦେଇଥିଲେ।

ଏହାପରେ ସୌଭାଗ୍ୟବଶତଃ ଆଲମିରାରେ ରଖିଥିବା ପୁରୁଣା ପ୍ୟାଣ୍ଟ ପକେଟରୁ ବ୍ୟକ୍ତିଙ୍କୁ ସେହି ଟିକଟଟି ମିଳିଥିଲା । ତାହା ଏବେ ତାଙ୍କର ଭାଗ୍ୟ ବଦଳାଇ ଦେଇଛି। ତାକୁ ଦେଖାଇ ସେ ଲଟେରୀ ଅଧିକାରୀଙ୍କ ନିକଟରୁ ୫୭.୧୧ କୋଟିର ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି।

## ସାଂଘାତିକ ଷଡ଼ଯନ୍ତ୍ର, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କାଙ୍କୁ ହତ୍ୟା ଉଦ୍ୟମ




ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା କରିବାର ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ଇରାନର ସେନା - 'ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଓଜଏଉ) ଦ୍ୱାରା ପ୍ରଶିକ୍ଷିତ ଜଣେ ଆତଙ୍କବାଦୀ ଇଭାଙ୍କା ଟ୍ରମ୍ପଙ୍କ ଜୀବନ ନେବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲା। ଦ ପୋଷ୍ଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆତଙ୍କବାଦୀ ତାଙ୍କ ପରାମର୍ଶଦାତା ଏବଂ ଇରାନୀ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚାହୁଁଥିଲା, ଯିଏ ଛଅ ବର୍ଷ ପୂର୍ବେ ଏକ ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଥିଲେ।

ସୁରକ୍ଷା ଏଜେନ୍ସିଗୁଡ଼ିକ ଇଭାଙ୍କା ଟ୍ରମ୍ପଙ୍କ ହତ୍ୟାର ଷଡ଼ଯନ୍ତ୍ର କରୁଥିବା ଆତଙ୍କବାଦୀକୁ ଗିରଫ କରିଛନ୍ତି। ତାଙ୍କୁ ୩୨ ବର୍ଷୀୟ ମହମ୍ମଦ ବାକିର ସାଦ ଦାଉଦ ଅଲ-ସାଦି ଭାବରେ ଚିହ୍ନଟ କରାଯାଇଛି। ସେ ଜଣେ ଇରାକୀ ନାଗରିକ ବୋଲି ଜଣାପଡ଼ିଛି। ପ୍ରକୃତରେ, ଛଅ ବର୍ଷ ପୂର୍ବେ ବାଗଦାଦରେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ଆମେରିକା ଏକ ବଡ଼ ଅପରେସନ କରିଥିଲା ଯେଉଁଥିରେ ସେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଅଲ-ସାଦି ଏହି ଆକ୍ରମଣକୁ ତାଙ୍କ ଗୁରୁଙ୍କ ହତ୍ୟା ଭାବରେ ଦେଖୁଥିଲେ। ସେବେଠାରୁ ଟ୍ରମ୍ପ ପରିବାରକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ର କରୁଥିଲେ। ଅଭିଯୁକ୍ତ ଅଲ-ସାଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବାରକୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ। ବିଶେଷକରି ତାଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ତଦନ୍ତ ସମୟରେ, ସୁରକ୍ଷା ବାହିନୀ ଅଲ-ସାଦିଙ୍କ କବଜାରୁ ଇଭାଙ୍କା ଟ୍ରମ୍ପଙ୍କ ଫ୍ଲୋରିଡାରେ ଥିବା ବିଳାସପୂର୍ଣ୍ଣ ଘରର ଏକ ସମ୍ପୂର୍ଣ୍ଣ ବ୍ଲୁପ୍ରିଣ୍ଟ ଉଦ୍ଧାର କରିଥିଲେ। ସେ ବହୁତ ସମୟ ଧରି ତାଙ୍କ ବାସଭବନରେ ଗୁଇନ୍ଦାଗିରି କରୁଥିଲେ। ୱାଶିଂଟନରେ ଇରାକୀ ଦୂତାବାସର ପୂର୍ବତନ ଡେପୁଟି ମିଲିଟାରୀ ଆଟାଚି ଏଣ୍ଟିଫାଦ କନବାର ଏହି ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି, 'କାସେମ ସୋଲେମାନିର ହତ୍ୟା ପରେ, ଅଲ-ସାଦି ଲୋକମାନଙ୍କୁ କହୁଥିଲେ, 'ଆମେ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା କରିବା ଉଚିତ।' ସେ କହୁଥିଲେ ଯେ ଆମେ ଟ୍ରମ୍ପଙ୍କ ସମଗ୍ର ପରିବାରକୁ ଜଳାଇ ପାଉଁଶ କରିଦେବା ଉଚିତ। ଯେପରି ସେ କମାଣ୍ଡର ସୋଲେମାନିଙ୍କୁ ମାରି ଦେଇଥିଲେ।

## ତୈଳ ସଙ୍କଟ: ସହାୟତା ପାଇଁ ବିଶ୍ୱ ବ୍ୟାଙ୍କର ଦ୍ୱାରସ୍ଥ ହେଲେ ୨୭ ଦେଶ

ନ୍ୟୁୟର୍କ: ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୨୭ଟି ଦେଶ ଜରୁରୀକାଳୀନ ପାଣ୍ଠି ପାଇଁ ଅନୁରୋଧ କରିଛନ୍ତି। ଏହି ଦେଶଗୁଡ଼ିକ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ଆବଶ୍ୟକ ହେଲେ ସେମାନଙ୍କୁ ବିଶ୍ୱ ବ୍ୟାଙ୍କରୁ ତୁରନ୍ତ ପାଣ୍ଠି ଯୋଗାଇ ଦିଆଯିବ। ତେବେ ଏହି ଦେଶଗୁଡ଼ିକର ନାମ କିମ୍ବା ଅନୁରୋଧ କରାଯାଇଥିବା ଆର୍ଥିକ ସହାୟତା ପରିମାଣ ପ୍ରକାଶ କରିବାକୁ ବିଶ୍ୱ ବ୍ୟାଙ୍କ ମନା କରିଦେଇଛି। ରିପୋର୍ଟ ଅନୁଯାୟୀ, ଫେବ୍ରୁଆରି ୨୮ ତାରିଖରୁ ମଧ୍ୟପ୍ରାଚ୍ୟରେ ସଂଘର୍ଷ ବୃଦ୍ଧି ପାଇବା ପରେ, ତିନୋଟି ଦେଶ ନୂତନ ସଙ୍କଟକାଳୀନ ସହାୟତା ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି। ଯେତେବେଳେ ଅବଶିଷ୍ଟ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକ୍ରିୟା ସମାପ୍ତ କରିବା ଜାରି ରଖିଛନ୍ତି। ଇରାନ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ତୈଳ ଏବଂ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଅନେକ ଦେଶର ଅସୁବିଧାକୁ ବଢ଼ାଇ ଦେଇଛି। ଶକ୍ତି ବଜାରରେ ଅସ୍ଥିରତା ଯୋଗାଣ ଶୃଙ୍ଖଳକୁ ମଧ୍ୟ ବାଧାପ୍ରାପ୍ତ କରିଛି। ଏହା ବ୍ୟତୀତ, ସାର ଯୋଗାଣ ବାଧାପ୍ରାପ୍ତ ହେଉଛି, ଯାହା କୃଷିକୁ ପ୍ରଭାବିତ କରୁଛି। କେନିଆ ଏବଂ ଇରାକ ବିଶ୍ୱ ବ୍ୟାଙ୍କ ଠାରୁ ଜରୁରୀ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଥିବା ନିଶ୍ଚିତ କରିଛନ୍ତି। କେନିଆରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେତେବେଳେ ଇରାକର ତୈଳ ରାଜସ୍ୱ କମିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଏହି ୨୭ଟି ଦେଶ ସେହି ୧୦୧ଟି ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନେ ବିଦ୍ୟମାନ ସଙ୍କଟ ପାଣ୍ଠି ବ୍ୟବସ୍ଥାରୁ ଲାଭ ପାଇପାରିବେ। ସେଥିମଧ୍ୟରୁ ୫୪ଟି ଦେଶ ରାପିଡ୍ ରେସପନ୍ସ ସ୍କିମର ସାମିଲ ଅଛନ୍ତି। ଏହି ଯୋଜନା ଅନୁଯାୟୀ, ଯେକୌଣସି ଦେଶ ତୁରନ୍ତ ଏହାର ଅନୁମୋଦିତ କିନ୍ତୁ ଅବ୍ୟବହୃତ ପାଣ୍ଠିର ୧୦% ପାଇପାରିବ। ବିଶ୍ୱ ବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ଗତ ମାସରେ କହିଥିଲେ ଯେ, ଆବଶ୍ୟକ ହେଲେ ବ୍ୟାଙ୍କ ତୁରନ୍ତ ୨୦ ରୁ ୨୫ ବିଲିୟନ ଡଲାର ଆର୍ଥିକ ସହାୟତା ଯୋଗାଇ ପାରିବ।ପୂର୍ବ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପଦକ୍ଷେପରୁ ବାକି ପାଣ୍ଠି ସହିତ ମିଶି, ଏହି ସହାୟତା ଆଗାମୀ ଛଅ ମାସ ମଧ୍ୟରେ ୬୦ ବିଲିୟନ ଡଲାରରେ ପହଞ୍ଚିପାରେ। ଭବିଷ୍ୟତରେ ଏହି ପରିମାଣ ୧୦୦ ବିଲିୟନ ଡଲାରରେ ମଧ୍ୟ ପହଞ୍ଚିପାରେ। ଏହି ସମୟରେ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ପ୍ରାୟ ୧୨ଟି ଦେଶ ଆଇଏମ୍ଏଫ୍ ଠାରୁ ସହାୟତା ଲୋଡ଼ିପାରନ୍ତି। ତଥାପି, ବହୁତ କମ୍ ଦେଶ ଆନୁଷ୍ଠାନିକ ଭାବରେ ଆବେଦନ କରିଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ଅନେକ ଦେଶ ଆଇଏମ୍ଏଫ୍ ଅପେକ୍ଷା ବିଶ୍ୱ ବ୍ୟାଙ୍କ ଠାରୁ ସହାୟତା ନେବାକୁ ପସନ୍ଦ କରୁଛନ୍ତି। କାରଣ ଆଇଏମ୍ଏଫ୍ ସାଧାରଣତଃ ଖର୍ଚ୍ଚ ହ୍ରାସ ଭଳି କଠୋର ସର୍ତ୍ତାବଳୀ ଲାଗୁ କରିଥାଏ। ଏହା ଦ୍ୱାରା ପୂର୍ବରୁ ସମସ୍ୟାରେ ଥିବା ଦେଶଗୁଡ଼ିକରେ ଆର୍ଥିକ ଏବଂ ସାମାଜିକ ସଙ୍କଟ ଅଧିକ ଜଟିଳ ହେବାର ଆଶଙ୍କା ରହିଛି।

## ମୋଦୀଙ୍କ ନାମରେ ଆପତ୍ତିଜନକ ମନ୍ତବ୍ୟ: ୟୁପି କଂଗ୍ରେସ ମୁଖ୍ୟ ଅଜୟ ରାୟଙ୍କ ବିରୋଧରେ ଏତଲା ରୁଜୁ

ଲକ୍ଷ୍ନୌ: ମେ ୨୨ ତାରିଖରେ ଅନୁଷ୍ଠିତ ଏକ ରାଜନୈତିକ ସମାବେଶ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ ଦେବା ଓ ସାର୍ବଜନୀନ ଶୃଙ୍ଖଳା ଉଲ୍ଲଂଘନର ଅଭିଯୋଗ ନେଇ ଉତ୍ତର ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଜୟ ରାୟ, ପୂର୍ବତନ କଂଗ୍ରେସ କମିଟି ସମ୍ପାଦକ ବ୍ରିଜରାଜ ଅହିରୱାର ଓ ଅନ୍ୟ ୩୦ ସମର୍ଥକଙ୍କ ନାଁରେ



ମହୋବା ଜିଲ୍ଲାରେ ଏକ ଏତଲା ରୁଜୁ କରାଯାଇଛି। ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ କମିଟି ସଦସ୍ୟ ଓ ସାମାଜିକ-ରାଜନୈତିକ କର୍ମୀ ନୀରଜ ରାୱତଙ୍କ ଦ୍ୱାରା ମହୋବାର କୋତୱାଲି ନଗର ଥାନାରେ ଦାଖଲ କରାଯାଇଥିବା ଏଫଆଇଆର ଅନୁଯାୟୀ, ପୂର୍ବ ପ୍ରଶାସନିକ ଅନୁମତି ବିନା ସମଦ ନଗର ଅଞ୍ଚଳରେ ରାଜକୁମାର ଅହିରୱାରଙ୍କ ବାସଭବନରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏତଲା ଅନୁଯାୟୀ ଅଜୟ ରାୟ ଓ ତାଙ୍କର ୨୦-୩୦ ଜଣ ସମର୍ଥକ ୧୫-୧୬ଟି ଗାଡ଼ିରେ କାର୍ଯ୍ୟକ୍ରମ ସ୍ଥଳକୁ ଆସିଥିଲେ। ସାର୍ବଜନୀନ ସଡ଼କରେ ଗାଡ଼ି ଏଣେ ତେଣେ ପାର୍କିଂ କରିବା ସହିତ ଅନ୍ୟ ବାସିନ୍ଦାଙ୍କ ଗମନାଗମନରେ ବାଧା ସୃଷ୍ଟି କରିଥିଲେ। ପୁଲିସ ଓ ସରକାରୀ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବାକୁ ନିଜ ଡ୍ୟୁଟି ଛାଡ଼ି ଆସିବାକୁ ପଡ଼ିଥିଲା। ଏହି କାର୍ଯ୍ୟକ୍ରମରେ ଅଜୟ ରାୟ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ରଖିଥିବା ନୀରଜ ଅଭିଯୋଗ କରିଛନ୍ତି। ଅଜୟ ରାୟଙ୍କ ମନ୍ତବ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ଏକ ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ବାସିନ୍ଦା ଓ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏତଲାରେ ଅଭିଯୋଗ କରାଯାଇଛି ଯେ, କାର୍ଯ୍ୟକ୍ରମ ସମୟରେ ଦିଆଯାଇଥିବା ବକ୍ତବ୍ୟ ଜାତିଭିତ୍ତିକ ବିଭେଦକୁ ଉସୁକାଇପାରେ ଓ ସାମ୍ପ୍ରଦାୟିକ ସଦ୍‌ଭାବନା ବିପର୍ଯ୍ୟସ୍ତ କରିପାରେ। ବିଏନ୍ଏସ୍ ବିଭିନ୍ନ ଧାରାରେ ଏତଲା ରୁଜୁ ହୋଇଛି।

## ଚଢିଗଲା ଡମ୍ପର, ୪ ମୃତ

ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶର ବାରାବଙ୍କି ଜିଲ୍ଲାରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଫତେପୁର ଥାନା ଅଞ୍ଚଳର ଝାନସା ଗାଁରେ ଏକ ଦ୍ରୁତଗାମୀ ଡମ୍ପର ଧକ୍କା ଦେବାରୁ ଗୋଟିଏ ପରିବାରର ଚାରି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଆହତ ହୋଇଛନ୍ତି । ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଲକ୍ଷ୍ନୌର ଡକ୍ଟର ରାମ ମନୋହର ଲୋହିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ କୁ ରେଫର କରାଯାଇଛି । ସୂଚନା ଅନୁଯାୟୀ, ବିଦ୍ୟୁତ୍ ତାର ସଟ୍ ଯୋଗୁଁ ପରିବାର ସଦସ୍ୟ ଘର ବାହାରେ ଶୋଇଥିଲେ। ସେହି ସମୟରେ ରାସ୍ତାରେ ଯାଉଥିବା ଏକ ଡମ୍ପର ନିୟନ୍ତ୍ରଣ ହରାଇ ପ୍ରଥମେ ଗୋଟିଏ ଗଛରେ ପିଟି ହୋଇଥିଲା । ପରେ ଘର ବାହାରେ ଶୋଇଥିବା ପରିବାରର ସଦସ୍ୟଙ୍କୁ ଚାପି ଦେଇଥିଲା । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣା ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଘଟିଥିଲା ।

## ଗ୍ରୀନ କାର୍ଡ ଅପେକ୍ଷା କରିଥିବା ଭାରତୀୟଙ୍କୁ ଝଟକା ! ଟ୍ରମ୍ପ ପ୍ରଶାସନର ନୂଆ ନିୟମ, 'ପ୍ରଥମେ ଆମେରିକା ଛାଡ଼, ତା'ପରେ ଏଣ୍ଟ୍ରି କର'

ନୂଆଦିଲ୍ଲୀ : ଟ୍ରମ୍ପ ପ୍ରଶାସନ ଆମେରିକାରେ ସ୍ଥାୟୀ ପାଇଁ ସ୍ୱପ୍ନ ଦେଖୁଥିବା ହଜାର ହଜାର ଭାରତୀୟ ନାଗରିକଙ୍କୁ ଏକ ବଡ଼ ଝଟକା ଦେଇଛି। ଆମେରିକା ସରକାର ଏକ ନୂତନ ନିୟମ ଲାଗୁ କରିଛି। ଯାହା ଅନୁଯାୟୀ ଗ୍ରୀନ କାର୍ଡ ପାଇବାକୁ ଚାହୁଁଥିବା ବିଦେଶୀ ନାଗରିକମାନଙ୍କୁ ପ୍ରଥମେ ଦେଶ ଛାଡିବାକୁ ପଡିବ। ଆମେରିକା ନାଗରିକତା ଏବଂ ପ୍ରବାସନ ସେବା (ଟଝଉଓଝ) ଶୁକ୍ରବାର ଏହି ନୂତନ ନିୟମ ଘୋଷଣା କରିଛି। ନୂତନ ନିୟମ ଅନୁଯାୟୀ, ସମଗ୍ର ଗ୍ରୀନ କାର୍ଡ ଆବେଦନ ପ୍ରକ୍ରିୟାରେ ବିଦେଶୀ ନାଗରିକମାନଙ୍କୁ ଆଉ ଆମେରିକାରେ ରହିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବରୁ, ଅସ୍ଥାୟୀ ଭିସାରେ ଆମେରିକାରେ ରହୁଥିବା ବ୍ୟକ୍ତିମାନେ ସେମାନଙ୍କର ଗ୍ରୀନ କାର୍ଡ ମଞ୍ଜୁର ନହେବା ପର୍ଯ୍ୟନ୍ତ ଦେଶରେ ରହିପାରିବେ। କିନ୍ତୁ, ଏହା ଆଉ ସମ୍ଭବ ନୁହେଁ। ସେମାନଙ୍କୁ ଏବେ ଆମେରିକା ଛାଡିବାକୁ ପଡିବ। ନିଜ ଦେଶକୁ ଫେରିବାକୁ ପଡିବ ଏବଂ ସେଠାରୁ ଇମିଗ୍ରେଣ୍ଟ (ପ୍ରବାସୀ) ଭିସା ପାଇଁ ଆବେଦନ କରିବାକୁ ପଡିବ।

ଏହି ନିଷ୍ପତ୍ତି ଉପରେ ମତାମତ ଦେଇ, ଟଝଉଓଝ ମୁଖପାତ୍ର କହିଛନ୍ତି, ' ବର୍ତ୍ତମାନ ଆମେରିକାରେ ଅସ୍ଥାୟୀ ଭାବରେ ରହୁଥିବା ବିଦେଶୀ ନାଗରିକ ଯେଉଁମାନେ ଗ୍ରୀନ କାର୍ଡ ପାଇବାକୁ ଚାହୁଁଛନ୍ତି, ସେମାନଙ୍କୁ ଆବେଦନ କରିବା ପାଇଁ ନିଜ ଦେଶକୁ ଫେରିବାକୁ ପଡିବ, କୌଣସି ପ୍ରକୃତ ଅସାଧାରଣ ପରିସ୍ଥିତି ବ୍ୟତୀତ।

ଆମେରିକା ସରକାରଙ୍କ ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଆନ୍ତର୍ଜାତୀୟ ଛାତ୍ର, ଐ-୧ଇ କାର୍ଯ୍ୟ ଭିସା ଧାରକ ଏବଂ ବର୍ତ୍ତମାନ ଆମେରିକାରେ ରହୁଥିବା ପର୍ଯ୍ୟଟକଙ୍କ ଉପରେ ପଡ଼ିବ ବୋଲି ଆଶା କରାଯାଉଛି। ଏହି ବ୍ୟକ୍ତିମାନେ ଦେଶ ଛାଡି ନଯାଇ ସେମାନଙ୍କର ଆଇନଗତ ସ୍ଥିତିକୁ ସ୍ଥାୟୀ ବାସସ୍ଥାନ (ଗ୍ରୀନ କାର୍ଡ) ରେ ଆଡଜଷ୍ଟ କରିବାକୁ ଆଶା କରୁଥିଲେ।

ମୁଖପାତ୍ର କହିଛନ୍ତି, 'ଆମେ ଆଇନର ମୂଳ ଉଦ୍ଦେଶ୍ୟକୁ ଫେରିଯାଉଛୁ। ଆମେ ଚାହୁଁଛୁ ଯେ ବିଦେଶୀ ନାଗରିକମାନେ ଆମ ଦେଶର ଇମିଗ୍ରେସନ ବ୍ୟବସ୍ଥାକୁ ସଠିକ୍ ଭାବରେ ପାଳନ କରନ୍ତୁ। ନୂତନ ନୀତି ଅନୁଯାୟୀ, ଆମେରିକାରେ ରହି ଜଣଙ୍କର ଇମିଗ୍ରେସନ ସ୍ଥିତିକୁ ଆଡଜଷ୍ଟ କରିବା ଆଉ ଏକ ନିୟମିତ ପ୍ରକ୍ରିୟା ଭାବରେ ବିବେଚନା କରାଯିବ ନାହିଁ ବରଂ, ଏହାକୁ ଏକ 'ଅସାଧାରଣ ଆଶ୍ୱସ୍ତି' ଭାବରେ ଦେଖାଯିବ। ପ୍ରତ୍ୟେକ ମାମଲାକୁ ବ୍ୟକ୍ତିଗତ ଭାବରେ ଏବଂ ସତର୍କତାର ସହିତ ଯାଞ୍ଚ କରିବାକୁ ଇମିଗ୍ରେସନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଆମେରିକାର ଗୃହ ସୁରକ୍ଷା ବିଭାଗ ମଧ୍ୟ ସୋସିଆଲ ମିଡିଆରେ ଏହି ନିଷ୍ପତ୍ତି ସମ୍ପର୍କରେ ଏକ ପ୍ରତିକ୍ରିୟା ଜାରି କରିଛି। ଏକ ଟ୍ୱିଟରେ ବିଭାଗ କହିଛି: 'ବର୍ତ୍ତମାନ ଆମେରିକାରେ ଅସ୍ଥାୟୀ ଭାବରେ ରହୁଥିବା ବିଦେଶୀ ନାଗରିକ ଯେଉଁମାନେ ଗ୍ରୀନ କାର୍ଡ ପାଇବାକୁ ଚାହାଁନ୍ତି, ସେମାନଙ୍କୁ ଆବେଦନ କରିବା ପାଇଁ ସେମାନଙ୍କ ଦେଶକୁ ଫେରିବାକୁ ପଡିବ। ଏହି ନୀତି ନିଶ୍ଚିତ କରିବାରେ ସାହାଯ୍ୟ କରିବ ଯେ ଆମର ପ୍ରବାସନ ବ୍ୟବସ୍ଥା ଆଇନ ଅନୁଯାୟୀ କାର୍ଯ୍ୟ କରିବ। ଆମ ଦେଶର ପ୍ରବାସନ ବ୍ୟବସ୍ଥାର ଅପବ୍ୟବହାର କରିବାର ଯୁଗ ଏବେ ସମ୍ପୂର୍ଣ୍ଣ ଶେଷ ହୋଇଛି।

ନୂଆ ନିୟମ ଭାରତୀୟ ପ୍ରବାସୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପରିସଂଖ୍ୟାନ ଅନୁଯାୟୀ, ୨୦୨୪ ଆର୍ଥିକ ବର୍ଷରେ, ଗ୍ରୀନ କାର୍ଡ ପ୍ରକ୍ରିୟା ମାଧ୍ୟମରେ ୪୯,୭୦୦ ଭାରତୀୟ ବଂଶୋଦ୍ଭବ ପ୍ରବାସୀ ଆମେରିକୀୟ ନାଗରିକ ହୋଇଥିଲେ। ଏହି ତାଲିକାରେ, ମେକ୍ସିକୋ ପରେ ଭାରତୀୟ ନାଗରିକମାନେ ଦ୍ୱିତୀୟ ସର୍ବବୃହତ ଗୋଷ୍ଠୀ ଥିଲେ। ଆମେରିକୀୟ ନାଗରିକତା (ପ୍ରାକୃତିକରଣ) ପାଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ୬.୧ ପ୍ରତିଶତ ଭାରତୀୟ ଥିଲେ।

# ପଞ୍ଜାବ ପାଇଁ ପ୍ଲେ-ଅଫ୍ ରାସ୍ତା କଠିନ

**ଲକ୍ଷ୍ନୌ,୨୩।୫ :** ଆଇପିଏଲ୍ ୨୦୨୬ ଏବେ ଏକ ରୋମାଞ୍ଚକର ମୋଡ଼ରେ ପହଞ୍ଚିଛି। ଆଜି ଲକ୍ଷ୍ନୌର ଇକାନା ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଲକ୍ଷ୍ନୌ ଦଳ ପୂର୍ବରୁ ହିଁ ପ୍ଲେ-ଅଫ୍ ଦୌଡ଼ରୁ ବାହାରି ସାରିଥିବା ବେଳେ, ପଞ୍ଜାବ ପାଇଁ ଆଜିର ମ୍ୟାଚ୍ କୌଣସି ସେମିଫାଇନାଲଠାରୁ କମ୍ ନୁହେଁ। ଯଦି ଆଜି ପଞ୍ଜାବ ହାରିଯାଏ, ତେବେ ଦଳ ପ୍ଲେ-ଅଫ୍ ଦୌଡରୁ ବିଦା ହେବ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଆଜିର ମ୍ୟାଚ୍ ଜିତିଲେ ମଧ୍ୟ ପଞ୍ଜାବ ସିଧାସଳଖ କ୍ୱାଲିଫାଇ କରିପାରିବ ନାହିଁ। ଦଳର ଭାଗ୍ୟ ଏବେ ଅନ୍ୟ ଦଳର ଫଳାଫଳ ଉପରେ ନିର୍ଭର କରେ। ପ୍ଲେ-ଅଫ୍ ଆଶା ଜୀବିତ ରଖିବାକୁ ହେଲେ ପଞ୍ଜାବ କିଙ୍ଗସକୁ ଆଜି ଯେକୌଣସି ପରିସ୍ଥିତିରେ ଲକ୍ଷ୍ନୌକୁ ହରାଇବାକୁ ହେବ। ବର୍ତ୍ତମାନ ପଞ୍ଜାବ ଖାତାରେ ୧୩ ପଏଣ୍ଟ ରହିଛି।



ଆଜିର ବିଜୟ ପରେ ଦଳର ପଏଣ୍ଟ ସଂଖ୍ୟା ୧୫ରେ ପହଞ୍ଚିବ। ଏମିତି ହେଲେ ପଞ୍ଜାବର ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରହିଛି। କେବଳ ନିଜେ ଜିତିଲେ ହେବନି, ପଞ୍ଜାବକୁ ଏବେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ ଯେପରି ରାଜସ୍ଥାନ ରୟାଲ୍ସ ତାର ଶେଷ ମ୍ୟାଚ୍ ହାରିଯାଉ। ବର୍ତ୍ତମାନ ରାଜସ୍ଥାନ ରୟାଲ୍ସର ୧୩ଟି ମ୍ୟାଚରୁ ୧୪ ପଏଣ୍ଟ ରହିଛି। ଯଦି ପଞ୍ଜାବ ଆଜି ଜିତେ (୧୫ ପଏଣ୍ଟ) ଏବଂ ରାଜସ୍ଥାନ ନିଜର ଶେଷ ମ୍ୟାଚ୍ ହାରିଯାଏ (୧୪ ପଏଣ୍ଟ), ତେବେ ପଞ୍ଜାବ କିଙ୍ଗସ ସହଜରେ ପ୍ଲେ-ଅଫରେ ପ୍ରବେଶ କରିବ। ଯଦି ଆଜି ପଞ୍ଜାବ ଜିତି ୧ ପଏଣ୍ଟ ପାଏ, କିନ୍ତୁ ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ନିଜର ଶେଷ ଲିଗ୍ ମ୍ୟାଚ୍ ଜିତିନିଏ, ତେବେ ରାଜସ୍ଥାନ ପ୍ଲେ-ଅଫକୁ ଯିବ ଏବଂ ଭଲ ପ୍ରଦର୍ଶନ ସତ୍ତ୍ୱେ ପଞ୍ଜାବ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେବ। ପ୍ଲେ-ଅଫ୍ ଦୌଡ଼ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ଭଳି ଦଳ ମଧ୍ୟ ସାମିଲ ଅଛନ୍ତି। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି, ଏହି ଦଳଗୁଡ଼ିକର ମ୍ୟାଚ୍ ଫଳାଫଳ ପଞ୍ଜାବ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ପଞ୍ଜାବର ସମୀକରଣ ଏବେ କେବଳ ରାଜସ୍ଥାନ ରୟାଲ୍ସ ସହିତ ଯୋଡ଼ି ହୋଇ ରହିଛି। ଆସନ୍ତା ରବିବାର ଅପରାହ୍ନରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ତେଣୁ ଆଜି ନିଜେ ଜିତିବା ପରେ ରବିବାର ମୁମ୍ବାଇର ବିଜୟ ପାଇଁ ପଞ୍ଜାବ ପ୍ରଶଂସକଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

# ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଘୋଷିତ

**ବର୍ଲିନ,୨୩।୫ :** ଫିଫା ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛନ୍ତି ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା। ଏ ସମସ୍ତ ଦଳ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ଜର୍ମାନି ପକ୍ଷରୁ ଜୋସୁଆ କିମିକ୍ଙ୍କ ନେତୃତ୍ୱରେ ଏକ ୨୬ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ସାମିଲ କରାଯାଇଛି। ଦଳକୁ ଅଭିଜ୍ଞ ଗୋଲ୍ କିପର ମାନୁଏଲ୍ ନିଉରଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ସେ ୨୦୧୪ରେ ବିଶ୍ୱକପ୍ ବିଜୟୀ ଜର୍ମାନୀ ଦଳର ସଦସ୍ୟ ଥିଲେ। ଦଳରେ ଆଣ୍ଟୋନିଓ ରୁଡିଜର, କାଇ ହାଭର୍ଟଜ୍ ଓ ଫେଲିକ୍ସ ଏନମେସାଙ୍କୁ ସାମିଲ କରାଯାଇଛି। ଦଳର ସବୁଠାରୁ କନିଷ୍ଠ ସଦସ୍ୟ ହେଲେ ୧୮ ବର୍ଷୀୟ ବାୟର୍ନ ମ୍ୟୁନିକ୍ ଖେଳାଳି ଲେନାର୍ଟ କାର୍ଲ। ଜର୍ମାନୀ ଜୁନ ୧୪ରେ ନିଜର ପ୍ରଥମ ମ୍ୟାଚ୍ କୁରାସାଓ ବିପକ୍ଷରେ ଖେଳିବ। ଇଂଲଣ୍ଡ ପକ୍ଷରୁ ଫୁଟ୍‌ବଲ ବିଶ୍ୱକପ୍? ପାଇଁ ଏକ ୨୬ ଜଣିଆ ଦଳ ଘୋଷିତ ହୋଇଛି। ଇଂଲଣ୍ଡ ଦଳରେ ସ୍ଥାନ ପାଇଥିବା ପ୍ରମୁଖ ନାମ ହେଲେ ହ୍ୟାରୀ କେନ୍, ଜ୍ୟୁଡ୍ ବେଲିଙ୍ଗାମ୍, ବୁକାୟୋ ସାକା ଓ



ଡେକ୍‌ଲାନ ରାଇସ୍। ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡ ଜାତୀୟ ଦଳ ପାଇଁ ପୂର୍ବରୁ ମାତ୍ର ଥରେ ଖେଳିଥିବା ଇଭାନ୍ ଟୋନେଙ୍କୁ ସାମିଲ କରାଯାଇଛି। ତେବେ ଦଳରୁ କେତେକ ଅଭିଜ୍ଞ ଖେଳାଳି ଯେପରିକି ଫିଲ୍ ଫୋଡେନ୍, କୋଲ୍ ପାଲ୍‌ମର, ଟ୍ରେଣ୍ଟ ଆଲେକ୍‌ଜାଣ୍ଡାର ଆର୍ନଲ୍ଡ, ହ୍ୟାରୀ ମାଗ୍ୱାର୍ ଓ ଲ୍ୟୁକ୍ ସ' ବାଦ୍ ପଡ଼ିଛନ୍ତି।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକ ୩୨ ଜଣିଆ ଦଳ ଘୋଷଣା କରାଯାଇଛି। ଗୋଲ କିପର ରୋନଓ୍ୱେନ ୱିଲିୟମ୍ସ ଦଳର ନେତୃତ୍ୱ ନେବେ। ଦଳରେ ମିଡ୍‌ଫିଲ୍ଡର ଟେବୋହୋ ମୋକୋଏନା ଓ ଷ୍ଟ୍ରାଇକର୍ ଲାଇଲ୍ ଫଷ୍ଟର୍‌ଙ୍କୁ ସାମିଲ କରାଯାଇଛି।

# ଏସିଆନ ଗେମ୍ସ ଚୟନରେ ଭାଗନେବେ ଭିନେଶ

**ନୂଆଦିଲ୍ଲୀ,୨୩।୫ :** ରେସଲର ଭିନେଶ ଫୋଗତ ଆଗାମୀ ଏସିଆନ ଗେମ୍ସ ଚୟନ ପ୍ରକ୍ରିୟାରେ ଭାଗ ନେବେ। ଏଥିନେଇ ତାଙ୍କୁ ଦିଲ୍ଲୀ ହାଇକୋର୍ଟ ଅନୁମତି ପ୍ରଦାନ କରିବା ସହ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ। (ଡବ୍ଲ୍ୟୁଏଫ୍ଆଇ) ଚୟନ ନୀତୀରେ ମାତୃତ୍ୱ ଲାଭ ପରେ ଫେରୁଥିବା ଭିନେଶଙ୍କ ଭଳି ଖେଳାଳିଙ୍କ ବିଚାର କରିବା ଲାଗି ବିବେକର ଅଭାବ ରହିଥିବା କହିଛନ୍ତି। ମୁଖ୍ୟ ବିଚାରପତି ଡି କେ ଉପାଧ୍ୟାୟ ଓ ଜଷ୍ଟିସ ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୩୦ ଓ ୩୧ ତାରିଖରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର ଜଣେ ଲେଖାଏ ଅବଜରଭରଙ୍କ ଉପସ୍ଥିତିରେ



ଚୟନ ପ୍ରକ୍ରିୟା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଏହାର ଭିଡିଓ ରେକର୍ଡିଂ କରାଯିବା ଦରକାର।

ଆସନ୍ତା ୩୦ ଓ ୩୧ ତାରିଖରେ ହେବାକୁ ଥିବା ଆଗାମୀ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବାକୁ ଅନୁମତି ଦିଆଯିବା ଉଚିତ। ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ଚୟନ ନୀତୀ ଓ ସର୍କ୍ୟୁଲାରରେ ମାତୃତ୍ୱ ଲାଭ ପରେ ଫେରୁଥିବା ଆବେଦନକାରୀଙ୍କ ଭଳି ଖେଳାଳିଙ୍କୁ କୌଣସି ବିଶେଷ ଅଧିକାର ଦିଆଯାଇ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ କୋର୍ଟ କହିଛନ୍ତି, ଏହା ପୂର୍ବ ନିୟୋଜିତ ଯୋଜନା ଓ ବନ୍ଦ ପଡ଼ିଥିବା ବିଷୟକୁ ପୁଣି ଥରେ ଖୋଲାଯାଇଥିବା ହୃଦବୋଧ ହେଉଛି।

# ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କଲା ହାଇଦ୍ରାବାଦ

**ହାଇଦ୍ରାବାଦ,୨୩।୫ :** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୬୭ତମ ମୁକାବିଲାରେ ହାଇଦ୍ରାବାଦ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇଛି। ବେଙ୍ଗାଲୁରୁ ୨୦ ଓଭରରେ ୪ଟି ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିପାରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବେଙ୍ଗାଲୁରୁ ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ବେଙ୍ଗାଲୁରୁର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। କିନ୍ତୁ କମ ସମୟ ମଧ୍ୟରେ ଦଳ ଆଗଧାଡିରେ ୩ ଜଣ ଖେଳାଳିଙ୍କୁ ହରାଇଥିଲା। ସ୍କ ?ାର ୬୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟର, ୭୪ ରନ୍‌ରେ ବିରାଟ କୋହଲି ଏବଂ ୯୪ ରନ୍‌ରେ ଦେବଦୂତ୍ତ ପଡ୍ଡିକଲ ଆଉଟ୍ ହୋଇଥିଲେ। ଆୟର ବ୍ୟକ୍ତିଗତ ଭାବେ ୪୪ ରନ୍ ସଂଗ୍ରହ କରିଥିଲେ। ସେ ୧୯ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ।



ବିରାଟ କୋହଲି ୧୧ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ଦେବଦୂତ୍ତ ପଡ୍ଡିକଲ ୧୪ଟି ବଲ୍‌ରୁ ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୧ ରନ୍ ସଂଗ୍ରହ କରିଥିଲେ। ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ପେଟ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲା। ଘରୋଇ ଦଳ ସଫଳ ରଣନୀତି କରି ରନ୍ ସ୍କୋରକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଦଳର ସମସ୍ତ ବ୍ୟାଟର ଏକ ଲୟରେ ଖେଳିଥିଲେ। ସମସ୍ତ ବ୍ୟାଟର ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ଠାରୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ରନ୍‌ର ଗତି ଏକ ଲକ୍ଷ୍ୟ ନେଇ ଆଗକୁ ବଢିଥିଲା। ହାଇଦ୍ରାବାଦର ବ୍ୟାଟିଂ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୫ ରନ୍‌ର ଭାଗିଦାରୀ କରିପାରିଥିଲେ। ଏଥିରୁ ଟ୍ରାଭିସ ହେଡ୍ ବ୍ୟକ୍ତିଗତ ଭାବେ ୨୬ ରନ୍ ଯୋଗଦାନ ଦେଇଥିଲେ। ସେ ୧୬ଟି ବଲ୍ ସାମ୍ନା କରିଥିଲେ ଏବଂ ୫ଟି ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା, ଯିଏକି ୫୬ ରନ୍ ସଂଗ୍ରହ କରିଥିଲେ। ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଏହା ପୂର୍ବରୁ ସେ ହେନରି କ୍ଲାସେଁଙ୍କ ସହିତ ୪୭ ରନର ଭାଗିଦାରୀ କରିଥିଲେ। ତେବେ ହାଇଦ୍ରାବାଦର ଖେଳାଳି କ୍ଲାସେଁ ଏବଂ ଈଶାନ କିଶନ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ଖେଳାଳି ନିଜ ଦଳ ପାଇଁ ୧୧୩ ରନ୍ ଯୋଡିଥିଲେ। ଏଥିରେ କ୍ଲାସେଁଙ୍କ ଯୋଗଦାନ ୫୧ ରନ୍ ଥିଲା। ସେ ୨୪ଟି ବଲ୍ ସାମ୍ନା କରିଥିଲେ ଏବଂ ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ।

# ରୋହିତ ୨୦୨୭ ବିଶ୍ୱକପ ଖେଳିବା ନେଇ ସନ୍ଦେହ

**ମୁମ୍ବାଇ,୨୩।୫ :** ଭାରତୀୟ କ୍ରିକେଟର ଜଣାଶୁଣା ଓପନର ରୋହିତ ଶର୍ମାଙ୍କ ଫିଟନେସକୁ ନେଇ ସାମ୍ନାକୁ ଆସିଛି ଏକ ବଡ଼ ସମସ୍ୟା । ତାଙ୍କର ଏହି ଫିଟନେସ ସମସ୍ୟା ଯୋଗୁଁ ୨୦୨୭ ବିଶ୍ୱକପରେ ଖେଳିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତ ଆଇପିଏଲ୍ ସିଜିନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍ ?ରେ ରୋହିତ ଆହତ ହୋଇଥିଲେ ଏବଂ କିଛି ମ୍ୟାଚ୍ ଖେଳିପାରି ନଥିଲେ । ଏହାପରେ ସେ ଜଣେ 'ଇମ୍ପାକ୍ଟ ପ୍ଲେୟାର' ଭାବରେ ଖେଳୁଛନ୍ତି, ଯାହା ତାଙ୍କ ଫିଟନେସକୁ ନେଇ ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି । ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ ଟିକିଆ ଦିନିକିଆ ସିରିଜ ପାଇଁ ରୋହିତଙ୍କୁ ଦଳରେ ସ୍ଥାନ ମିଳିଛି । ତାଙ୍କୁ ଭାରତୀୟ ଦଳରେ ଚୟନ ତ କରାଯାଇଛି, ହେଲେ ତାଙ୍କ ଖେଳିବା ନଖେଳିବା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । କାରଣ ମ୍ୟାଚ୍ ଖେଳିବା ପୂର୍ବରୁ ତାଙ୍କୁ ପ୍ରଥମେ ଫିଟନେସ୍ ଟେଷ୍ଟ ପାସ୍ କରିବାକୁ ହେବ । ସେ ବାରମ୍ବାର ଆହତ ହେଉଥିବାରୁ ୨୦୨୭ ବିଶ୍ୱକପରେ ତାଙ୍କ ଖେଳିବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି । ଏପରିକି ଭାରତୀୟ କ୍ରିକେଟ



କଣ୍ଟ୍ରୋଲ ବୋର୍ଡ ମଧ୍ୟ ରୋହିତଙ୍କ ଫିଟନେସ୍କୁ ନେଇ ଚିନ୍ତା ପ୍ରକଟ କରିଛି। ବିସିସିଆଇର ଜଣେ ଅଧିକାରୀ ନାମ ଗୋପନ ରଖି ରୋହିତ ତିନି ସପ୍ତାହ ପାଇଁ ବିସିସିଆଇର 'ସେଣ୍ଟର ଅଫ୍ ଏକ୍ସିଲେନ୍ସ'କୁ ଆସିନଥିଲେ ବୋଲି କହିଥିଲେ । ସେ ପୂର୍ବ ଅପେକ୍ଷା ଫିଟ୍ ତ ଜଣା ପଡୁଛନ୍ତି କିନ୍ତୁ ସେ ୫୦ ଓଭର ପର୍ଯ୍ୟନ୍ତ ଫିଲ୍ଡିଂ କରିପାରିବେ କି ନାହିଁ ସେ ନେଇ ଆଶଙ୍କା ରହିଛି । ବିଶ୍ୱକପ ଖେଳିବାକୁ ହେଲେ ତାଙ୍କୁ ୫୦ ଓଭର ଫିଲ୍ଡିଂ କରିବାକୁ ହିଁ ପଡ଼ିବ, କାରଣ ଆଇପିଏଲ୍ ଭଳି ଏଠାରେ କୌଣସି 'ଇମ୍ପାକ୍ଟ ପ୍ଲେୟାର'ର ନିୟମ ନଥାଏ । ଯେତେବେଳେ ଜଣେ ବ୍ୟକ୍ତିଙ୍କ ବୟସ ପାଖାପାଖି ୪୦ ବର୍ଷ ହୋଇଥାଏ, ସେତେବେଳେ ଶରୀରକୁ ପୂର୍ବ ସ୍ଥିତିକୁ ଫେରିବା ପାଇଁ ସମୟ ଲାଗିଥାଏ। ବିଶ୍ୱକପ ପୂର୍ବରୁ ଯଦି ରୋହିତ ସମ୍ପୂର୍ଣ୍ଣ ଭାବେ ଫିଟ୍ ନହୁଅନ୍ତି, ତେବେ ଯଶସ୍ୱୀ ଜୟସ୍ୱାଲଙ୍କୁ ସୁଯୋଗ ମିଳିପାରେ । ଆଫଗାନିସ୍ତାନ ବିପକ୍ଷ ସିରିଜ୍ ?ରେ ଇଶାନ କିଷନଙ୍କୁ ଏହି କାରଣରୁ ଚୟନ କରାଯାଇଛି, ଯେପରି ସେ ଓପନିଂ ବ୍ୟାଟ୍ସମ୍ୟାନ୍ ? ଭୂମିକା ତୁଲାଇ ପାରିବେ । ଯଦି ବିଶ୍ୱକପ୍ ?ରେ ରୋହିତଙ୍କ ଖେଳିବା ନେଇ ଆଶଙ୍କା ଦେଖାଦିଏ, ତେବେ ଜୟସ୍ୱାଲ ତାଙ୍କ ସ୍ଥାନରେ ଇନିଂସ ଆରମ୍ଭ କରିପାରନ୍ତି । ଏଥିପାଇଁ ଚୟନକର୍ତ୍ତାମାନେ ତାଙ୍କୁ ଜଣେ ବ୍ୟାକଅପ୍ ଓପନର୍ ଭାବରେ ପ୍ରସ୍ତୁତ କରିବା ମଧ୍ୟ ଆରମ୍ଭ କରିଦେଇଛନ୍ତି। ରୋହିତଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଖୁସି ନାହିଁ । ରୋହିତ ୨୦୨୩ ବିଶ୍ୱକପ୍‌ରେ ଆକ୍ରମଣାତ୍ମକ ଶୈଳୀରେ ଇନିଂସ ଆରମ୍ଭ କରୁଥିଲେ । ସେ ପ୍ରଥମ ବଲ୍‌ରୁ ହିଁ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରୁଥିଲେ । କିନ୍ତୁ, ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବା ପରେ ଯେତେବେଳେ ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ବ୍ୟାଟିଂ କଲେ, ସେତେବେଳେ ତାଙ୍କ ବ୍ୟାଟିଂରେ ସେହି ଆକ୍ରାମକ ମନୋଭାବ ଦେଖିବାକୁ ମିଳିନଥିଲା ।

# ଘରୋଇ କ୍ରିକେଟ୍ ବନ୍ଦ କରିଦିଅ

**ମୁମ୍ବାଇ,୨୩।୫ :** ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଜମ୍ମୁ କଶ୍ମୀର ଦ୍ରୁତ ବୋଲର ଆକ୍ୱିବ୍ ନବିଙ୍କୁ ସାମିଲ କରାଯାଇନଥିବାରୁ ପୂର୍ବତନ ବ୍ୟାଟର ଦିଲୀପ ଭେଙ୍ଗସରକାର୍ ବିସିସିଆଇକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯଦି ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନକୁ ବିଚାରକୁ ନିଆଯାଉନାହିଁ, ତେବେ ତାହାକୁ ବନ୍ଦ କରିଦିଆଯାଉ।

ଗତ ଋତୁରେ ଜମ୍ମୁ ଓ କଶ୍ମୀରକୁ ରଣଜୀ ଚାମ୍ପିଅନ କରିବାରେ ନବିଙ୍କ ଏକ ବଡ଼ ଭୂମିକା ଥିଲା। ସମୁଦାୟ ଋତୁରେ ସେ ୬୦ ୱିକେଟ୍ ନେଇଥିଲେ। ଏପରି ଚମତ୍କାର ସଫଳତା ସତ୍ତ୍ୱେ ତାଙ୍କୁ ଚୟନକର୍ତ୍ତାମାନେ ଦଳରେ ନେଇନଥିବାରୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଭେଙ୍ଗସରକାର କହିଛନ୍ତି, "ଚୟନକର୍ତ୍ତାଙ୍କ ନିଷ୍ପତ୍ତି ମୂର୍ଖତାପୂର୍ଣ୍ଣ।



ଏହା କେଉଁ ପ୍ରକାରର ଚୟନ ଏହା ଅନ୍ୟାୟ ଓ ଗ୍ରହଣୀୟ ନୁହେଁ। ଆପଣ ନବିଙ୍କ ଦୁଃଖ ବୁଝିପାରୁଥିବେ। ସେ ୬୦ ୱିକେଟ୍ ନେଇଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇବାକୁ ସେ କଠିନ ପରିଶ୍ରମ କରିଛନ୍ତି। ଯଦି ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ ଯୋଗ୍ୟତାର ମାନଦଣ୍ଡ ନୁହେଁ, ତେବେ ତାହାକୁ ବନ୍ଦ କରିଦିଆଯାଉ।'' ଏହା ପୂର୍ବରୁ ପୂର୍ବତନ କ୍ରିକେଟର ଆକାଶ ଚୋପ୍ରା ବି ଅଜିତ ଅଗରକର ନେତୃତ୍ୱାଧୀନ ଚୟନ କମିଟିକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଜାତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଆଉ କ'ଣ କରିବାକୁ ହେବ।

# ଆପିଏଲ୍‌ରେ 'ହାଣ୍ଡସେକ' ବିବାଦ

**ହାଇଦ୍ରାବାଦ,୨୩।୫ :** ଗତ ବର୍ଷ ଏସିଆ କପ୍‌ରେ ହୋଇଥିବା ହାଣ୍ଡସେକ୍ ବିବାଦ ପରେ ଚଳିତ ଆଇପିଏଲ୍‌ରେ ମଧ୍ୟ ଏକ ହାଣ୍ଡସେକ୍ ବିବାଦ ଦେଖାଦେଇଛି। ଏହି ବିବାଦର କେନ୍ଦ୍ରରେ ରହିଛନ୍ତି ବିରାଟ କୋହଲି ଓ ଟ୍ରାଭିସ୍ ହେଡ। ଶୁକ୍ରବାରର ଆରସିବି-ଏସଆରଏଚ୍ ମ୍ୟାଚ ସମୟରେ କୋହଲି ଓ ହେଡ୍‌ଙ୍କ ମଧ୍ୟରେ ଏକ ଛୋଟିଆ ବଚସା ହୋଇଥିଲା। କୋହଲି ବ୍ୟାଟିଂ କରୁଥିବା ସମୟରେ ତାଙ୍କୁ ଛକାଚୌକା ମାରିବାକୁ ହେଡ୍ ଆହ୍ୱାନ କରିଥିଲେ। ଏହାର ଜବାବରେ ହେଡ୍‌ଙ୍କୁ ବୋଲିଂ କରିବାକୁ ଆହ୍ୱାନ କରିଥିଲେ। ଏହି ଉତ୍ତେଜନା ମଧ୍ୟରେ କୋହଲି ମାତ୍ର ୧୫ ରନ କରି ଆଉଟ୍ ହୋଇଯାଇଥିଲେ। ପରେ ହେଡ ଅବଶ୍ୟ ବୋଲିଂ କରିଥିଲେ ଓ



ଅଧିନାୟକ ରଜତ ପଟିଦାରଙ୍କ ୱିକେଟ୍ ନେଇଥିଲେ। ମ୍ୟାଚ୍ ପରେ ବିବାଦକୁ ଭୁଲି କରମର୍ଦ୍ଦନ କରିବାକୁ ହେଡ୍ କୋହଲିଙ୍କ ଆଡ଼କୁ ହାତ ବଢାଇଥିଲେ ବି କୋହଲି ହାତ ମିଳାଇନଥିଲେ। ପରେ ଇନଷ୍ଟାଗ୍ରାମ୍‌ରେ ହେଡ୍‌ଙ୍କ ଏକ ପୋଷ୍ଟ ଚର୍ଚ୍ଚାର ବିଷୟ ହୋଇଛି। ସେ ଲେଖିଛନ୍ତି, 'ଶରୀରକୁ ଅପେକ୍ଷା କରିବାକୁ ଦିଅ' । ମନେକରାଯାଉଛି ଯେ ସେ ଗତକାଲିର ବିବାଦକୁ ଲକ୍ଷ୍ୟ ରଖି ଏପରି ଲେଖଛନ୍ତି। କାରଣ ବିରାଟଙ୍କ ସହ ହାତମିଳେଇବାକୁ ସେ ଉଠାଇଥିବା ହାତ ଅପେକ୍ଷାରେ ହିଁ ରହିଯାଇଥିଲା।

# ସାଉଥ ସିଙ୍ଗରଙ୍କ କନିଆ ସାଜିବେ କାବ୍ୟା ମାରନ

**ନୂଆଦିଲ୍ଲୀ,୨୩।୫ :** ସୋସିଆଲ ମିଡିଆ ଏବଂ ଗ୍ଲାମର ଦୁନିଆରେ ଏବେ ଏକ ନୂଆ ଚର୍ଚ୍ଚା ଭାଇରାଲ ହେବାରେ ଲାଗିଛି । ଦକ୍ଷିଣ ଭାରତୀୟ ସଙ୍ଗୀତ ଜଗତର 'ରକ୍‌ଷ୍ଟାର୍' ଅନିରୁଦ୍ଧ ରବିଚନ୍ଦର ଏବଂ ଆଇପିଏଲ୍ ଟିମ୍ ସନରାଇଜର୍ସ ହାଇଦ୍ରାବାଦର ସିଇଓ କାବ୍ୟା ମାରନଙ୍କ ବିବାହକୁ ନେଇ ଚାରିଆଡ କଳ୍ପନା ଜଳ୍ପନା ଜୋର ଧରିଛି । ଏବେ ଏହି ଦୁଇ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏକାଠି ହେବା ଖବର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ଆସନ୍ତୁ ଜାଣିବା ଏହି ରିପୋର୍ଟ ପଛରେ କେତେ ସତ୍ୟତା ରହିଛି। ରିପୋର୍ଟ ଗୁଡ଼ିକର ଦାବି କରାଯାଇଛି କି, ଚଳିତ ବର୍ଷ ଶେଷ ସୁଦ୍ଧା ଅନିରୁଦ୍ଧ ଏବଂ କାବ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇପାରନ୍ତି । କୁହାଯାଉଛି ଯେ, ଉଭୟ ପରିବାର ମଧ୍ୟରେ ଏନେଇ ଆଲୋଚନା ଶେଷ ହୋଇଛି ଏବଂ ସେମାନଙ୍କ ସମ୍ପର୍କକୁ ଗ୍ରୀନ ସିଗନାଲ ମିଳିସାରିଛି । ସବୁଠାରୁ ବଡ କଥା ଏହି ବିବାହ ଭାରତରେ ନୁହେଁ ବରଂ ବିଦେଶରେ ହେବ । ଦୁହେଁ ସ୍ପେନରେ ଏକ ରୟାଲ୍ ୱେଡିଂ ଫଙ୍କସନ ଅନୁଷ୍ଠିତ ହେବାର ଯୋଜନା ରହିଛି । ଏହା ପରେ ଚେନ୍ନାଇରେ ଗ୍ରାଣ୍ଡ ରିସେପ୍ସନ ପାର୍ଟି ଆୟୋଜନ କରାଯିବ। ଯେଉଁଠାରେ ରାଜନୀତି, ବ୍ୟବସାୟ ଏବଂ ସିନେମା ଜଗତର ବଡ଼ ବଡ଼ ବ୍ୟକ୍ତିତ୍ୱ ଯୋଗ ଦେଇପାରନ୍ତି। ଗୋଟିଏ ପଟେ, କାବ୍ୟା ଏବଂ ଅନିରୁଦ୍ଧଙ୍କ



ବିବାହ ସମ୍ପର୍କରେ ପ୍ରଶଂସକଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଅନ୍ୟପଟେ, ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କାହାରି ପକ୍ଷରୁ କୌଣସି ଅଫିସିଆଲି ଷ୍ଟେଟମେଣ୍ଟ ଜାରି କରାଯାଇ ନାହିଁ। ବିବାହକୁ ନା ନିଶ୍ଚିତ କରାଯାଇଛି, ନା ଏହାକୁ ଅସ୍ୱୀକାର ।

ଚେନ୍ନାଇର ପ୍ରତିଷ୍ଠିତ 'ମାରନ ପରିବାର'ର ଝିଅ କାବ୍ୟା ମାରନ କେବଳ ଜଣେ ସିଇଓ ନୁହନ୍ତି, ବରଂ ଜଣେ ସଫଳ ମହିଳା ଉଦ୍‌ଯୋଗୀ । ସନ୍ ଗ୍ରୁପ୍ ମାଲିକ କଳାନିଧି ମାରନଙ୍କ ଝିଅ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବ୍ରିଟେନରୁ ଏମବିଏ ଶେଷ କରିବା ପରେ ସେ ନିଜ ପରିବାରର ବ୍ୟବସାୟରେ ସାମିଲ ହୋଇଥିଲେ। ବିଶେଷ କରି ଆଇପିଏଲ୍ ନିଲାମୀ ସମୟରେ ଓ ଟିମ୍ର ବିଜୟ ସମୟରେ ତାଙ୍କର ହସ ହସ ମୁହଁ ସୋସିଆଲ ମିଡିଆରେ ସବୁବେଳେ ଭାଇରାଲ ହୋଇଥାଏ। ଏହି ସମୟରେ, ଅନିରୁଦ୍ଧ ରବିଚନ୍ଦ୍ରନ ତାମିଲ ଏବଂ ତେଲୁଗୁ ସିନେମା ଜଗତର ଏକ ପ୍ରମୁଖ ନାମ। ସେ ଜଣେ ମ୍ୟୁଜିକ କମ୍‌ପୋଜର। ଯିଏ ଶିଳ୍ପ ମଧ୍ୟରେ ଅନେକ ହିଟ୍ ଫିଲ୍ମ ପାଇଁ ସଙ୍ଗୀତ ଦେଇଛନ୍ତି। ସେ ଦକ୍ଷିଣ ପାଇଁ ଏକ ଫିଲ୍ମ ଫେୟାର ପୁରସ୍କାର ଏବଂ ଦଶଟି ଝଓଓଗଇ ପୁରସ୍କାର ଜିତିଛନ୍ତି। ତେବେ ଏଥର ଏହା କେବଳ ଏକ ଗୁଜବ ନା ସତରେ କୌଣସି ନୂଆ ସମ୍ପର୍କର ଆରମ୍ଭ, ତାହା ଦେଖିବାକୁ ବାକି ରହିଲା। ଯଦି ଏହି ଖବର ସତ ହୁଏ, ତେବେ ଏହା ଚଳିତ ବର୍ଷର ସବୁଠାରୁ ବଡ଼ ସେଲିବ୍ରିଟି ବିବାହ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ